www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 37 Thursday 08 October, 2026, JAJPUR , Page-8, Rs. 5/- | ବର୍ଷ-୧୨ , ସଂଖ୍ୟା-୩୭ ଗୁରୁବାର, ୦୮ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮ , ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଲାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

## ୧୩ ବିଶ୍ୱବିଦ୍ୟାଳୟରେ ହେବ ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର ୭/୧୦ (ନି.ସୂ):ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ ଏଥର ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏହା ସହ ଆଉ ୩ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ନକରି ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ନେତା ବଛାଯିବେ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ବିଭାଗର ସୂଚନା ଅନୁସାରେ, ନିର୍ଦ୍ଦିଷ୍ଟ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଭୋଟ୍ ଦେଇ ସେମାନଙ୍କ ପ୍ରତିନିଧି ଚୟନ କରିବେ। ଫଳରେ ଦୀର୍ଘ ସମୟ ପରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ରାଜନୀତି ଓ ନିର୍ବାଚନୀ ପ୍ରକ୍ରିୟା ପୁଣି ସକ୍ରିୟ ହେବାର ବାଟ ଖୋଲିଛି। ଅନ୍ୟପକ୍ଷରେ, ୩ଟି ବିଶ୍ୱବିଦ୍ୟାଳୟରେ ସିଧାସଳଖ ନିର୍ବାଚନ ହେବ ନାହିଁ। ସେଠାରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ନେତା ଚୟନ କରାଯିବ। ଏହି ତାଲିକାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ରହିଛି। ଏହା ସହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମଧ୍ୟ ଚୟନ ମାଧ୍ୟମରେ ଛାତ୍ର ନେତା ବଛାଯିବେ।ଉଚ୍ଚ ଶିକ୍ଷା ବିଭାଗର ଏହି ନିଷ୍ପତ୍ତି ପରେ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ର ନିର୍ବାଚନକୁ ନେଇ ଉତ୍ସାହ ବଢ଼ିଛି।

## ରସାୟନ ବିଜ୍ଞାନରେ ହେନେରୀ ବି. କାଗନ ଓ କେନ୍ସୋ ସୋଆଇଙ୍କୁ ନୋବେଲ ସମ୍ମାନ

ଷ୍ଟକହୋମ୍ ୭/୧୦: ୨୦୨୬ ମସିହା ପାଇଁ ରସାୟନ ବିଜ୍ଞାନର ନୋବେଲ୍ ପୁରସ୍କାର ଘୋଷଣା ହୋଇଛି। ଫ୍ରାନ୍ସର ହେନେରୀ ବି. କାଗନ ଓ ଜାପାନର କେନ୍ସୋ ସୋଆଇଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଛି। ଅସମମିତ ଜୈବିକ ସଂଶ୍ଳେଷଣରେ ଅଣ-ରୈଖିକ ପ୍ରଭାବ ଏବଂ ଅଟୋକାଟାଲିସିସ୍ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ଉଭୟ ବୈଜ୍ଞାନିକଙ୍କୁ ଏହି ସମ୍ମାନ ଦିଆଯାଇଛି।

ରୟାଲ୍ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନସେସ୍ କହିଛି ଯେ, ଦୁଇ ବୈଜ୍ଞାନିକଙ୍କ ଗବେଷଣା ଏପରି ରାସାୟନିକ ପ୍ରକ୍ରିୟାକୁ ବୁଝିବାରେ ନୂଆ ଦିଗ ଖୋଲିଛି, ଯେଉଁଥିରେ ଅତି ସାମାନ୍ୟ ଅସମାନତା ସମୟ ସହିତ ବଢ଼ି ଗୋଟିଏ ପ୍ରକାରର ଅଣୁକୁ ଅନ୍ୟ ରୂପ ଉପରେ ପ୍ରାଧାନ୍ୟ ଦେଇପାରେ।କାଗନ ଓ ସୋଆଇଙ୍କ ଗବେଷଣାର ମୁଖ୍ୟ ବିଷୟ ହେଉଛି ଅଣୁର ଦୁଇଟି ପ୍ରତିବିମ୍ବ ରୂପ। ଏହି ଦୁଇ ରୂପ ଦେଖିବାକୁ ସମାନ ହୋଇଥିଲେ ମଧ୍ୟ ପରସ୍ପରର ଦର୍ପଣ ପ୍ରତିଛବି ଭଳି ଭିନ୍ନ ହୋଇଥାଏ। ମଣିଷର ବାମ ଓ ଡାହାଣ ହାତ ଏହାର ସରଳ ଉଦାହରଣ। ରାସାୟନିକ ପ୍ରତିକ୍ରିୟାରେ ସାଧାରଣତଃ ଏହି ଦୁଇ ରୂପ ସମାନ ପରିମାଣରେ ତିଆରି ହେବାର ସମ୍ଭାବନା ରହିଥାଏ। କିନ୍ତୁ ପ୍ରକୃତିରେ ଜୀବନ ସମ୍ବନ୍ଧୀୟ ଅନେକ ଅଣୁରେ ଗୋଟିଏ ରୂପକୁ ଅଧିକ ପସନ୍ଦ କରାଯାଏ। ଏହି ବିଶେଷତାକୁ





ବୁଝିବା ରସାୟନ ବିଜ୍ଞାନର ଏକ ଦୀର୍ଘଦିନର ପ୍ରଶ୍ନ ଥିଲା।ସୋଆଇଙ୍କ ଗବେଷଣାରେ ଅଟୋକାଟାଲିସିସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ପ୍ରକ୍ରିୟାରେ ରାସାୟନିକ ପ୍ରତିକ୍ରିୟାରୁ ତିଆରି ହେଉଥିବା ପଦାର୍ଥ ନିଜେ ପୁଣି ସେହି ପ୍ରତିକ୍ରିୟାକୁ ଆହୁରି ଆଗକୁ ବଢ଼ାଇଥାଏ।ଫଳରେ ଆରମ୍ଭରେ ଥିବା ଏକ ଅତି କ୍ଷୁଦ୍ର ପାର୍ଥକ୍ୟ ମଧ୍ୟ ଧୀରେ ଧୀରେ ବଡ଼ ଅସମାନତାରେ ପରିଣତ ହୋଇପାରେ। ଏହା ମାଧ୍ୟମରେ ଗୋଟିଏ ଅଣୁରୂପ କିପରି ଅନ୍ୟଟି ଉପରେ ପ୍ରାଧାନ୍ୟ ବିସ୍ତାର କରେ, ତାହା ବୁଝିବାରେ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି।ଏହି ଗବେଷଣାର ପ୍ରଭାବ ମୌଳିକ ରସାୟନ ବିଜ୍ଞାନରେ ସୀମିତ ନୁହେଁ। ଔଷଧ ବିକାଶ ଓ ଉତ୍ପାଦନରେ ଅଣୁର ନିର୍ଦ୍ଦିଷ୍ଟ ରୂପକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ। ସମାନ ପରମାଣୁରୁ ଗଠିତ ଦୁଇଟି ପ୍ରତିବିମ୍ବ ରୂପ ଶରୀରରେ ଭିନ୍ନ ଭାବରେ କାମ କରିପାରେ। ତେଣୁ ଏହି ଆବିଷ୍କାର ଭବିଷ୍ୟତର ଔଷଧ ବିକାଶ ପାଇଁ ମଧ୍ୟ ଗୁରୁତ୍ୱ ବହନ କରେ।ନୋବେଲ୍ ପରମ୍ପରା ଅନୁଯାୟୀ, ଆସନ୍ତା ଡିସେମ୍ବର ୧୦ରେ ଷ୍ଟକହୋମ୍‌ରେ ସ୍ୱିଡେନ୍‌ର ରାଜା କାର୍ଲ ଷୋଡ଼ଶ ଗୁସ୍ତାଫ୍ ବିଜେତାମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିବେ। ଉଭୟ ବୈଜ୍ଞାନିକଙ୍କୁ ମିଳିତ ଭାବେ ୧୨ ମିଲିୟନ୍ ସ୍ୱିଡିଶ୍ କ୍ରୋନା ପୁରସ୍କାର ରାଶି ମିଳିବ।ଏହାର ପୂର୍ବଦିନ ପଦାର୍ଥ ବିଜ୍ଞାନ ପାଇଁ ମଧ୍ୟ ନୋବେଲ୍ ସମ୍ମାନ ଘୋଷଣା ହୋଇଥିଲା। ଫ୍ରାନ୍ସିସ୍ ହାଲ୍ ଜେନ୍‌ଙ୍କୁ ଆଇସକ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ମହାକାଶରୁ ପୃଥିବୀକୁ ଆସୁଥିବା ଅତ୍ୟଧିକ ଶକ୍ତିଶାଳୀ ନ୍ୟୁଟ୍ରିନୋ କଣିକା ସମ୍ପର୍କିତ ଆବିଷ୍କାର ପାଇଁ ଏହି ସମ୍ମାନ ଦିଆଯିବ। ନ୍ୟୁଟ୍ରିନୋ ଅତ୍ୟନ୍ତ କ୍ଷୁଦ୍ର କଣିକା। ପ୍ରତି ସେକେଣ୍ଡରେ କୋଟି କୋଟି ନ୍ୟୁଟ୍ରିନୋ ପୃଥିବୀ ଓ ଆମ ଶରୀର ମଧ୍ୟ ଦେଇ ଅତିକ୍ରମ କରୁଥିଲେ ମଧ୍ୟ ସେଗୁଡ଼ିକ ସାଧାରଣ ପଦାର୍ଥ ସହ ଅତ୍ୟନ୍ତ କମ୍ ପ୍ରତିକ୍ରିୟା କରନ୍ତି। ଏହି ରହସ୍ୟମୟ କଣିକାର ଅଧ୍ୟୟନରେ ଜେନଙ୍କ ଅବଦାନ ବିଜ୍ଞାନ ଜଗତରେ ନୂଆ ଦିଗ ଖୋଲିଛି।

# ଆଜି ଓଡ଼ିଶା ବନ୍ଦ

### ଓଡ଼ିଶା ବନ୍ଦକୁ ସମର୍ଥନ ଦେବନି ବିଜେଡି

### ବନ୍ଦ ରହିବ ଅଟୋ ସେବା, ଚାଲିବ ଘରୋଇ ବସ

ଭୁବନେଶ୍ୱର ୭/୧୦ (ନି.ସୂ): କାଲି ଓଡ଼ିଶା ବନ୍ଦ। ବନ୍ଦକୁ ନେଇ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପ୍ରଭାବ ଦେଖାଯିବା ଆଶଙ୍କା ରହିଛି। କାଲି ସକାଳ ୬ରୁ ସଂଧ୍ୟା ୬ ଯାଏଁ ଓଡ଼ିଶା ବନ୍ଦ ପାଳନ କରାଯିବ। ଯାତାୟାତରୁ ବ୍ୟବସାୟ, ପ୍ରଭାବ ପଡ଼ିବାର ଆଶଙ୍କା କରାଯାଉଥିବା ସହ ପ୍ରଭାବିତ ହୋଇପାରେ ଗାଡ଼ି ଚଳାଚଳ। ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିପାରେ। କେବଳ ଜରୁରୀକାଳୀନ ବ୍ୟବସ୍ଥାକୁ ଛାଡ଼ି ଅଖଚକ ବନ୍ଦ କରାଯିବ ବୋଲି କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି। କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ପାଇଁ ଆହ୍ୱାନ ଦିଆଯାଇଛି।

ଆସନ୍ତାକାଲି ଓଡ଼ିଶା ବନ୍ଦକୁ ସମର୍ଥନ କରିବନି ବିଜେଡି । ତେବେ ବନ୍ଦକୁ ନେଇ ବିଜେଡି ଦ୍ୱନ୍ଦ୍ୱାତ୍ମକ କଥା ରାଜ୍ୟ ରାଜନୀତିକୁ ସରଗରମ କରିଛି।ଅଧ ଘଣ୍ଟାରେ ମତ ବଦଳାଇଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ଏନେଇ ପ୍ରମିଳା କହିଛନ୍ତି ଯେ, ଆମେ କାଲି ବନ୍ଦକୁ ସମର୍ଥନ କରିବୁ ନାହିଁ । ଯିଏ ବନ୍ଦ ଡାକରା ଦେଇଛନ୍ତି ସେ କ'ଣ ଆମକୁ ପଚାରିଥିଲେ ? ଆମେ କେବଳ ଝଓଜ ଓ ଜ୍ଞାନେଶ୍ କୁମାରଙ୍କ ପ୍ରସଙ୍ଗରେ ସମର୍ଥନ କରିଛୁ । ଏସ୍ଆଇଆର କୌଣସି ମେଣ୍ଟରେ ନାହିଁ । ଆମେ ସମଦୂରତା ନୀତି ପାଳନ କରୁଛୁ । କିଛି ସମୟ ପୂର୍ବରୁ ନବୀନ ନିବାସରୁ ଫେରି ବନ୍ଦକୁ ସମର୍ଥନ କଥା କହିଥିଲେ ପ୍ରମିଳା । ଏପରିକି ଇଣ୍ଡି ମେଣ୍ଟରେ ଅଛୁ ବୋଲି ମଧ୍ୟ କହିଥିଲେ ପ୍ରମିଳା କହିଥିଲେ।

କାଲିର ଓଡ଼ିଶା ବନ୍ଦରେ ସାମିଲ ହେବନି ଘରୋଇ ବସ୍। ଏନେଇ ଘରୋଇ ବସ୍ ?



ମାଲିକ ସଂଘ ସୂଚନା ଦେଇଛନ୍ତି। ସଭାପତି ଲୋକନାଥ ପାଣି କହିଛନ୍ତି 'ବସ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ବନ୍ଦରେ ସାମିଲ ହେବୁନି'। 'କାଲି ଘରୋଇ ବସ୍ ଗଡ଼ିବ, ଯାତ୍ରୀ ପରିବହନ ଜାରି ରହିବ'। କାଲିର ବନ୍ଦ ବେଳେ ସରକାର ବସ୍ ଚଳାଚଳ ପାଇଁ ସୁରକ୍ଷା ଯୋଗାନ୍ତୁ'। ତେବେ ଓଡ଼ିଶା ବନ୍ଦ ବେଳେ ରାଜ୍ୟରେ ବନ୍ଦ ରହିବ ଅଟୋ ଚଳାଚଳ। ଅଟୋ ବନ୍ଦ ନେଇ ଅଟୋ ଚାଳକ ସଂଘ ସମ୍ପାଦକ ସୂଚନା ଦେଇଛନ୍ତି। କାଲି ଓଡ଼ିଶା ବନ୍ଦରେ ଖୋଲା ରହିବ କଟକ ମାଲଗୋଦାମ। ଏନେଇ ଚାମ୍ବର ଅଫ୍ କମର୍ସ ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି। ମାଲଗୋଦାମରେ ଅତ୍ୟାବଶ୍ୟକ ସାମଗ୍ରୀ କିଣାବିକା ଜାରି ରହିବ ବୋଲି କହିଛନ୍ତି। ଓଡ଼ିଶା ବନ୍ଦ ପାଳନ ପୂର୍ବରୁ କଂଗ୍ରେସ ଓ ବାମପନ୍ଥୀଙ୍କ ପଦଯାତ୍ରା ବୁଧବାର ଦେଖାଯାଇଛି। ଏଜି ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଆଗରେ ପ୍ରତିବାଦ କରାଯାଇଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ



ଭୁବନେଶ୍ୱର ୭/୧୦ (ନି.ସୂ):ରାଜ୍ୟ ସରକାର ବୁଧବାର ଆଇଏସସ୍ତରରେ ଏକ ଅଦଳବଦଳ କରିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ଥିବା ଅନ୍ୟା ଦାସଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେହିଭଳି ସାଧାରଣ ପ୍ରଶାସନ ବିଭାଗର ମଧୁମିତାଙ୍କୁ ନୂଆପଡ଼ା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାର ମିଳିଛି । ସେହିଭଳି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ପଦ ମିଳିଥିବା ବେଳେ ପ୍ରଦୀପ କୁମାର ନାୟକଙ୍କୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶନୀ ଏ ଏଲ୍ ଭବାନୀପାଟଣା ଉପଜିଲ୍ଲାପାଳ ଭାବେ ଏବଂ ଭବାନୀପାଟଣା ସବ କଲେକ୍ଟର କସ୍ତୁରୀ ଶା ସାଧାରଣ ପ୍ରଶାସନ ବିଭାଗର ଅନୁସଚିବ ଭାର ତୁଲାଇବେ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ନାଗରିକଙ୍କ ପାଇଁ ସରକାର ଗଠନ କଲେ କମିଶନ

ଭୁବନେଶ୍ୱର ୭/୧୦ (ନି.ସୂ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ (ପଞ୍ଚାୟତ ଓ ପୌରାଞ୍ଚଳ) ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର ଲୋକଙ୍କ ସଂଖ୍ୟା, ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ସବୁ ସଂସ୍ଥାରେ ସେମାନେ ରାଜନୈତିକ ଭାବେ କେତେ ପଛୁଆ ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଶନ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶା ହାଇକୋର୍ଟର ଅବସରପ୍ରାପ୍ତ



ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ଏହି କମିଶନର ଅଧକ୍ଷ ଅଛନ୍ତି । ଏଥିସହିତ ଅବସରପ୍ରାପ୍ତ ଆଇଏଏସ୍ ବିଜୟ କୁମାର ପୃଷ୍ଟି ଏହି କମିଶନର ସଦସ୍ୟ ଭାବେ କାର୍ଯ୍ୟ କରିବେ । ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସୁଜାତା ମିଶ୍ର କମିଶନ'ର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ । ଏହି କମିଶନ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ, ସେ ଅଞ୍ଚଳର ସମୁଦାୟ ଲୋକସଂଖ୍ୟା ତୁଳନାରେ ଏସ୍ଇବିସି ମାନଙ୍କର ସଂଖ୍ୟାର ଅନୁପାତ ସମ୍ପର୍କରେ ଅନୁଧ୍ୟାନ କରିବ । ଏହା ସହିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ତୁଳନାରେ ସେମାନେ ରାଜନୈତିକ ଦୃଷ୍ଟିକୋଣରୁ କେତେ ପଛୁଆ ଅଛନ୍ତି, ତା'ର ସ୍ୱରୂପ ଓ ତାହାର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରାଯିବ ।

ଏହାଦ୍ୱାରା ରାଜ୍ୟରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଜନସାଧାରଣଙ୍କର ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ଉପଯୁକ୍ତ ପ୍ରତିନିଧିତ୍ୱ ଓ ସେମାନଙ୍କ ଅଧିକାର ସମ୍ପର୍କରେ ଉପଯୁକ୍ତ ବ୍ୟବସ୍ଥା କରାଯାଇପାରିବ । ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇଞ୍ଜିନିଅରିଙ୍ଗ୍ ଓ ମେଡିକାଲ ପରି ବୃତ୍ତିଗତ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ୧୧.୨୫ ପ୍ରତିଶତ ସଂରକ୍ଷଣ'ର ବ୍ୟବସ୍ଥା କରିଛନ୍ତି ।

### ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଚୌଦ୍ୱାର ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ

କଟକ ୭/୧୦ (ନି.ସୂ):ଚୌଦ୍ୱାର ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ । ସେ ଆଜି ହାଇକୋର୍ଟରେ ଜାମିନ ଆବେଦନ ଦାୟର କରିଛନ୍ତି। ପୂର୍ବରୁ ସେପଟେମ୍ବର ୩୦ରେ କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ସୂଚନାଥାଉକି, ଦୁଇ ବିହାରୀ କଏଦୀ ଜେଲ୍‌ରୁ ଫେରାର ହେବା ଘଟଣା ପରେ ସୁଜିତଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଜେଲ୍‌ର ପୂର୍ବତନ ଜେଲର ଏତଲା ଦେଇଥିଲେ। ତାଙ୍କ ବିରୋଧରେ ସରକାରୀ ରେକର୍ଡରେ ହେରଫେର କରିବା ଏବଂ ସରକାରୀ ଡ୍ୟୁଟିରେ ଥାଇ ଅପରାଧିକ ବ୍ୟବହାର କରିବା ଭଳି ସଙ୍ଗିନ ଅଭିଯୋଗ ରହିଛି। ଏଥିସହ ୨୦୨୫ ଅକ୍ଟୋବର ୨ରେ 'ସୁପରିନଟେଣ୍ଡେଣ୍ଟ ମିନିଟ୍ ବୁକ୍'ରେ ଜେଲ ?ଙ୍କ ଦସ୍ତଖତ ଜାଲିଆତି କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ତଦନ୍ତ ଚାଲିଛି ।

## ରାହୁଲ ଗାନ୍ଧୀଙ୍କୁ ଛାଡ଼ିଲା ପୁଲିସ

ନୂଆଦିଲ୍ଲୀ ୭/୧୦:ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଆନ୍ଦୋଳନ ବୁଧବାର ଆହୁରି ତୀବ୍ର ହୋଇଛି। କଂଗ୍ରେସ ସୂତ୍ର ଅନୁସାରେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ବିରୋଧୀ ଦଳର ଅନେକ ନେତା ଜନ୍ତର ମନ୍ତର ଅଭିମୁଖେ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କ ଇସ୍ତଫା ଦାବି କରିଛି ବିରୋଧୀ ଶିବିର। କଂଗ୍ରେସ ନେତାମାନେ ମଧ୍ୟାହ୍ନ ଭୋଜନ ପରେ ଜନପଥସ୍ଥିତ ଏକ ରେଷ୍ଟୁରାଣ୍ଟରୁ ବସ୍ ଯୋଗେ ଜନ୍ତର ମନ୍ତର ଯିବାକୁ ବାହାରିଥିଲେ। ତେବେ ପୁଲିସ ରାସ୍ତାରେ ବ୍ୟାରିକେଡ୍ ଲଗାଇ ବସ୍‌ଗୁଡ଼ିକୁ ଅଟକାଇଥିଲା। ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ପୂର୍ବ ଅନୁମତି ନିଆଯାଇନଥିବା ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଥିଲା। ପୁଲିସ ନେତାମାନଙ୍କୁ ବସ୍‌ରେ ବସାଇବାକୁ ଉଦ୍ୟମ କରିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ କିଛି ନେତା ରାସ୍ତାରେ ବସି ପ୍ରତିବାଦ କରିଥିଲେ। ପରେ ପୁଲିସ ସେମାନଙ୍କୁ ହଟାଇ ବସ୍‌ରେ ନେଇଯାଇଥିଲା। କିଛି ସମୟ ପରେ ରାହୁଲ ଗାନ୍ଧୀଙ୍କ ସମେତ ଅଟକ ଥିବା ନେତାମାନଙ୍କୁ ଛାଡ଼ି ଦିଆଯାଇଥିଲା।

### ରାଜନୀତିରେ ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷ ପୂରଣ

# ଜନସାଧାରଣଙ୍କ ବିଶ୍ୱାସ ମୋର ଶକ୍ତି: ମୋଦି

ନୂଆଦିଲ୍ଲୀ ୭/୧୦: ଜନତା ତାଙ୍କ ପାଇଁ ଈଶ୍ୱରଙ୍କ ଏକ ରୂପ। କୋଟି କୋଟି ଲୋକଙ୍କ ବିଶ୍ୱାସ ତାଙ୍କର ଶକ୍ତି ହୋଇଛି। ଦେଶ ତାଙ୍କୁ ବହୁତ କିଛି ଦେଇଛି। ତେଣୁ, ଦେଶ ତାଙ୍କ ପାଇଁ ସବୁକିଛି। ଦେଶର ନାଗରିକମାନଙ୍କର ତାଙ୍କ ଉପରେ ସବୁଠାରୁ ଅଧିକ ଅଧିକାର ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷ ଶାସନ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଏପରି କହିଛନ୍ତି। ଆଜି ରାଜନୀତି ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି ମୋଦୀ। ଏହି ଅବସରରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଯେଉଁଠାରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶବ୍ୟାପୀ ବିଜେପି କର୍ମୀମାନଙ୍କୁ ଭର୍ଚୁଆଲ୍ ଭାବରେ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ୭ ଅକ୍ଟୋବର ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ, ସେତେବେଳେ ସେ କେବେ କଳ୍ପନା କରିନଥିଲେ ଯେ ସେ ତାଙ୍କ ସାର୍ବଜନୀନ ଜୀବନରେ ଏହି ମାଇଲଖୁଣ୍ଟରେ ପହଞ୍ଚିବେ।



ଆଜି ସରକାରର ମୁଖ୍ୟ ଭାବରେ ଦେଶ ସେବା କରିବାର ୨୫ ବର୍ଷ ପୂରଣ ହେଉଛି। ସେ ଏହା ଲୋକଙ୍କ ନିରନ୍ତର ଆଶୀର୍ବାଦକୁ ଶ୍ରେୟ ଦେଇଥିଲେ ଏବଂ ବିଜେପି, ଏନଡିଏ ଏବଂ ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିଛନ୍ତି। ସେ ପ୍ରାର୍ଥନା କରିଛନ୍ତି ଯେ ଈଶ୍ୱର ତାଙ୍କୁ ଦେଶ ପାଇଁ ଆହୁରି ଅଧିକ ଶକ୍ତି ସହିତ କାମ କରିବା ଏବଂ ଦିନରାତି ତାଙ୍କ ସହ ନାଗରିକଙ୍କ ସମେତ ସମସ୍ତଙ୍କ ସେବା କରିବା ପାଇଁ ଶକ୍ତି ଦିଅନ୍ତୁ। ଆଜି ସେ ଯାହା ଅଛନ୍ତି ସେଥିରେ ଜନସାଧାରଣ ହିଁ ସର୍ବଶ୍ରେଷ୍ଠ ଅବଦାନକାରୀ।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, "ମୁଁ ଏବେ ବି ନିଜକୁ ଜଣେ ଛାତ୍ର ବୋଲି ଭାବୁଛି।" ୨୫ ବର୍ଷର ଜନସାଧାରଣଙ୍କ ବିଶ୍ୱାସ ଏବଂ ୨୫ ବର୍ଷର ଅଭିଜ୍ଞତା ଏକ ମହାନ ସମ୍ପତ୍ତି। ସେ କହିଥିଲେ ଯେ ଏହି ପୁଞ୍ଜି ଦେଶର ଏବଂ ଭାରତ ମାତାର ପ୍ରତ୍ୟେକ ସନ୍ତାନ ଏହାର ହକଦାର। ତାଙ୍କ ସ୍କୁଲ ଦିନଗୁଡ଼ିକୁ ମନେ ପକାଇ ମୋଦୀ କହିଥିଲେ ଯେ ଶିଖିବାର ଇଚ୍ଛା ତାଙ୍କ ଜୀବନର ଏକ ଅଂଶ ହୋଇଗଲା ଏବଂ ସେ ଏବେ ବି ନିଜକୁ ଜଣେ ଛାତ୍ର ବୋଲି ଭାବନ୍ତି। ସର୍ବଦା ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଯେ ତାଙ୍କର ଶିଖିବାର ଇଚ୍ଛା କେବେ ହ୍ରାସ ନହୁଏ। ପଛକୁ ଫେରି ଚାହିଁଲେ, ସେ କୃତଜ୍ଞତାର ଭାବନା ଅନୁଭବ କରନ୍ତି। ପ୍ରତ୍ୟେକ ଘଟଣା ତାଙ୍କୁ କିଛି ଶିଖାଇଲା। ଯେଉଁମାନେ ତାଙ୍କୁ ତଳକୁ ଟାଣି ଆଣିଥିଲେ ସେମାନେ ତାଙ୍କୁ ଠିଆ ହେବାକୁ ଶିଖାଇଲେ, ଏବଂ ଯେଉଁମାନେ ତାଙ୍କୁ ବିରୋଧ କରୁଥିଲେ ସେମାନେ ଗଣତନ୍ତ୍ରର ଶକ୍ତି ବୁଝାଇଲେ। ସେ କହିଥିଲେ ଯେ ପ୍ରତ୍ୟେକ ସଙ୍କଟ ତାଙ୍କ ଧୈର୍ଯ୍ୟର ପରୀକ୍ଷା କରିଥିଲା, ପ୍ରତ୍ୟେକ ସଫଳତା ତାଙ୍କୁ ବଡ଼ ଲକ୍ଷ୍ୟ ଆଡ଼କୁ ଆଗକୁ ବଢ଼ିବାକୁ ଶକ୍ତି ଦେଇଥିଲା।

ଚନ୍ଦ୍ରାୟନ ତାଙ୍କୁ ବିଫଳତାରୁ ଉଠିବା ଶିଖାଇଲା। କୋଭିଡ୍-୧୯ ତାଙ୍କୁ ସାମୂହିକ ଚେତନାର ଶିକ୍ଷା ଦେଇଥିଲା। ଗଣମାଧ୍ୟମ ତାଙ୍କୁ ତିକ୍ତ ଏବଂ ମଧୁର ଅଭିଜ୍ଞତା ମାଧ୍ୟମରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲା। ସେ କହିଥିଲେ ଯେ ପ୍ରତ୍ୟେକ ଗାଁ ଏବଂ ପ୍ରତ୍ୟେକ ଗରିବ ବ୍ୟକ୍ତି ତାଙ୍କୁ ଶିଖାଇଥିଲେ ଯେ ସମ୍ବଳ ସୀମିତ ଥାଇପାରେ, ସ୍ୱପ୍ନ ବଡ଼ ହେବା ଉଚିତ ଏବଂ ଆତ୍ମା ଉଚ୍ଚ ହେବା ଉଚିତ। କାର୍ଯ୍ୟକ୍ରମ ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀର ଶ୍ରୀ ବିନାୟକ ମନ୍ଦିରରେ ପ୍ରାର୍ଥନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଆରମ୍ଭ ହୋଇଥିବା "ସେବା ସଂକଳ୍ପ ଅଭିଯାନ"ର ଅଂଶ ଭାବରେ ଆୟୋଜିତ "ବାରାଣସୀରୁ ଭାଡନଗର ସେବା ଯାତ୍ରା" ଆଜି, ଅକ୍ଟୋବର ୭ ତାରିଖରେ ତାଙ୍କ ଜନ୍ମସ୍ଥାନ ଭାଡନଗରରେ ଶେଷ ହେବ। ମୁଖ୍ୟ କାର୍ଯ୍ୟକ୍ରମ ଅପରାହ୍ନ ୪ ଟାରେ ଅନୁଷ୍ଠିତ ହେବ।

# ସ୍ଲିପ୍ ଅଫ ଟଙ୍ଗ ପାଇଁ ଅଡୁଆରେ ବିଜେଡି

**ସତ୍ୟବ୍ରତ ପାତ୍ର**

ଭୁବନେଶ୍ୱର ୭/୧୦ (ନି.ସୂ): ଇଣ୍ଡି ମେଣ୍ଟ ଦ୍ୱାରା ଡକାଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦକୁ ନେଇ ରାଜ୍ୟ ରାଜନୀତିରେ ହଠାତ୍ ଏକ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରମୁଖ ବିରୋଧୀ ଦଳ ବିଜୁ ଜନତା ଦଳ (ବିଜେଡି) ପ୍ରଥମେ ଏହି ଆନ୍ଦୋଳନକୁ ସମର୍ଥନ ଘୋଷଣା କରିବା ଏବଂ ମାତ୍ର ଅଧ ଘଣ୍ଟା ମଧ୍ୟରେ ୟୁ-ଟର୍ଣ୍ଣ ମାରି ସମର୍ଥନ ପ୍ରତ୍ୟାହାର କରିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ବୟାନକୁ ନେଇ ଏହି ବିଭ୍ରାଟ ଉପୁଜିଥିବା ବେଳେ, ଏହା ପ୍ରକୃତରେ ଏକ 'ସ୍ଲିପ୍ ଅଫ୍ ଟଙ୍ଗ' (ମୁହଁରୁ ଖସିଯିବା) ଥିଲା ନା ଏହା ପଛରେ ଦଳର କୌଣସି ଆଭ୍ୟନ୍ତରୀଣ ସମନ୍ୱୟର ଅଭାବ ଥିଲା, ତାହାକୁ ନେଇ ରାଜନୈତିକ ମହଲରେ ବିଶ୍ଳେଷଣ ଆରମ୍ଭ ହୋଇଛି।

ପ୍ରମିଳା ମଲ୍ଲିକଙ୍କ ପ୍ରଥମ ପ୍ରତିକ୍ରିୟାକୁ ଟିକିନିଖି ତର୍ଜମା କଲେ ଜଣାପଡ଼େ ଯେ, ନୂଆଦିଲ୍ଲୀରେ ଇଣ୍ଡି ମେଣ୍ଟର ପ୍ରତିବାଦରେ ବିଜେଡିର ସାଂସଦମାନଙ୍କ ଅଂଶଗ୍ରହଣକୁ ଭିତ୍ତି କରି ସେ ବୋଧହୁଏ ସ୍ୱାଭାବିକ ଭାବେ ବନ୍ଦ ପ୍ରତି ସମର୍ଥନ ଜଣାଇ ଦେଇଥିଲେ। ପ୍ରଥମ ବୟାନରୁ ଏହା ଏକ ସ୍ପଷ୍ଟ 'ସ୍ଲିପ୍ ଅଫ୍ ଟଙ୍ଗ' ବୋଲି ପ୍ରତୀୟମାନ ହେଉଛି। କିନ୍ତୁ ପ୍ରମିଳାଙ୍କ ଭଳି ଜଣେ ବରିଷ୍ଠ ତଥା ଅଭିଜ୍ଞ ନେତ୍ରୀଙ୍କଠାରୁ ଏଭଳି ଅସାବଧାନତା କେତେ ଦୂର ଗ୍ରହଣୀୟ, ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ। ବିଜେଡିର ଯୁକ୍ତି ଅନୁଯାୟୀ, ଏମ୍‌ଏମ୍ଡିଆର ସଂଶୋଧନ ଆଇନ ଏବଂ ତ୍ରୁଟିପୂର୍ଣ୍ଣ ଏସ୍ଆଇଆର ପ୍ରସଙ୍ଗରେ ଦଳ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ତୀବ୍ର ବିରୋଧ କରୁଛି। ତେବେ ଏକ ଦାୟିତ୍ୱବାନ ଆଞ୍ଚଳିକ ଦଳ ଭାବେ ନିଜର ସ୍ୱାଧୀନ ପରିଚୟ ବଜାୟ ରଖିବାକୁ ଦଳ ପ୍ରାଥମିକତା ଦେଇଛି। ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ସ୍ପଷ୍ଟ କରିଛନ୍ତି ଯେ, ବିଜେଡି କଂଗ୍ରେସ ଓ ବିଜେପି



ଉଭୟଙ୍କଠାରୁ ସମଦୂରତା ନୀତି ଅବଲମ୍ବନ କରୁଛି ଏବଂ କେବଳ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଏକୁଟିଆ ଲଢ଼େଇ ଜାରି ରଖିବ। ତେଣୁ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟର ଡାକରାକୁ ସମର୍ଥନ ଦେଇ ଦଳ ନିଜର 'ସମଦୂରତା' ନୀତିରୁ ବିଚ୍ୟୁତ ହେବାକୁ ଚାହିଁନଥିଲା, ଯେଉଁଥିପାଇଁ ତୁରନ୍ତ ଏହି ୟୁ-ଟର୍ଣ୍ଣ ନିଆଗଲା।

ଅନ୍ୟପକ୍ଷରେ, ବିଜେଡିର ଏହି ନିଷ୍ପତ୍ତି ପରିବର୍ତ୍ତନକୁ ଅସ୍ତ୍ର କରି ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା ଅଭିଯୋଗ ଆଣିଛନ୍ତି ଯେ, ବିଜେଡି ଏକ ଦିଗହରା ଦଳରେ ପରିଣତ ହୋଇଛି ଏବଂ ନୂଆଦିଲ୍ଲୀରୁ ବିଜେପିର ଚାପ ଆସିବା ପରେ ହିଁ ଦଳ ଭୟରେ ବନ୍ଦ ସମର୍ଥନରୁ ଓହରି ଯାଇଛି। ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କଂଗ୍ରେସ ଏବଂ ବିଜେଡିକୁ ଟାର୍ଗେଟ୍ କରିଛନ୍ତି। ବିରୋଧୀଙ୍କ ଆନ୍ଦୋଳନକୁ କଟାକ୍ଷ କରି ସେ କହିଛନ୍ତି ଯେ, 'ରଫୁ ସାର୍ଟକୁ ଯେତେ ସିଲେଇ କରି ପିନ୍ଧିଲେ ବି ତାହା ଚିରିଯିବ'। ଏହା ସହ ଏମ୍‌ଏମ୍ଡିଆର ଆଇନ ଦ୍ୱାରା ରାଜ୍ୟର କ୍ଷତି ବଦଳରେ ୬୦ ହଜାର କୋଟି ଟଙ୍କାର ରାଜସ୍ୱ ଆସୁଛି ବୋଲି ଶ୍ରୀ ସାମଲ ଦାବି କରି ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ସାମଗ୍ରିକ ଭାବେ ଦେଖିବାକୁ ଗଲେ, ଦଳର ବରିଷ୍ଠ ନେତ୍ରୀଙ୍କ ବୟାନକୁ ନେଇ ସୃଷ୍ଟି ହୋଇଥିବା ଏହି 'ସ୍ଲିପ୍ ଅଫ୍ ଟଙ୍ଗ' ବିବାଦ ପ୍ରାଥମିକ ପର୍ଯ୍ୟାୟରେ ବିଜେଡି ପାଇଁ ଏକ ସାମୟିକ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ମାତ୍ର ଏହି ଘଟଣାକ୍ରମ ମାଧ୍ୟମରେ ବିଜେଡି ରାଜ୍ୟ ରାଜନୀତିରେ ନିଜର ସ୍ୱାଧୀନ ସ୍ଥିତି ଏବଂ ସମଦୂରତା ନୀତିକୁ ପୁନର୍ବାର ସ୍ପଷ୍ଟ କରିବାକୁ ପ୍ରୟାସ କରିଛି। ତେବେ ସମାନ ପ୍ରସଙ୍ଗରେ ଦିଲ୍ଲୀରେ ପ୍ରତିବାଦ ଏବଂ ଓଡ଼ିଶାରେ ବନ୍ଦ ଡାକରାରୁ ଦୂରେଇ ରହିବା, ଆଗାମୀ ଦିନରେ ବିଜେଡିର ରାଜନୈତିକ କୌଶଳକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆରବିଆଇର ଝଟକା ବଢ଼ିଲା ରେପୋରେଟ୍

### ମହଙ୍ଗା ହେବ ଘର ଓ କାର ଋଣ

ନୂଆଦିଲ୍ଲୀ ୭/୧୦: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆରବିଆଇ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ (୦.୨୫%) ବୃଦ୍ଧି କରିଛି। ଏହା ସହିତ ଦେଶରେ ରେପୋ ହାର ୫.୨୫% ରୁ ୫.୫୦% ବୃଦ୍ଧି ପାଇଛି। ଫେବୃଆରୀ ୨୦୨୩ ପରଠାରୁ ପ୍ରାୟ ଚାରି ବର୍ଷ ମଧ୍ୟରେ ଏହା ପ୍ରଥମ ଥର ପାଇଁ ରିଜର୍ଭ ବ୍ୟାଙ୍କ ସୁଧ ହାର ବୃଦ୍ଧି କରିଛି।

ରେପୋ ହାର ହେଉଛି ସେହି ସୁଧ ହାର ଯେଉଁଥିରେ ଦେଶର କେନ୍ଦ୍ରୀୟ ବ୍ୟାଙ୍କ (ଆରବିଆଇ), ଏସବିଆଇ, ଏଚଡିଏଫସି, ଏବଂ ଆଇସିଆଇସିଆଇ ଭଳି ଅନ୍ୟ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ଦିଏ। ଯେତେବେଳେ ରେପୋ ହାର ବୃଦ୍ଧି ପାଏ, ସେତେବେଳେ ବ୍ୟାଙ୍କଗୁଡ଼ିକ ପାଇଁ ରିଜର୍ଭ ବ୍ୟାଙ୍କରୁ ଟଙ୍କା ଋଣ ନେବା ମହଙ୍ଗା ହୋଇଯାଏ। ଯେତେବେଳେ ବ୍ୟାଙ୍କଗୁଡ଼ିକ




ନିଜେ ଅଧିକ ମହଙ୍ଗା ଋଣ ପାଆନ୍ତି, ଗ୍ରାହକଙ୍କ ଉପରେ ଏହାର ପ୍ରଭାବ ପଡେ। ଫଳସ୍ୱରୂପ, ବ୍ୟାଙ୍କଗୁଡ଼ିକ ସେମାନଙ୍କର ଋଣ ସୁଧ ହାର ବୃଦ୍ଧି କରନ୍ତି ଏବଂ ଆପଣଙ୍କର ଗୃହ ଋଣ, କାର ଋଣ କିମ୍ବା ବ୍ୟକ୍ତିଗତ ଋଣ ଉପରେ ଆପଣଙ୍କର ମାସିକ ଇଏମଆଇ ମହଙ୍ଗା ହୋଇଯିବ। ନୀତି ହାର ଘୋଷଣା କରି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ସାମଗ୍ରିକ ଅର୍ଥନୈତିକ ପରିସ୍ଥିତି, ବିଶ୍ୱ ବିକାଶ ଏବଂ ଭବିଷ୍ୟତ ଦୃଷ୍ଟିକୋଣର ବିସ୍ତୃତ ମୂଲ୍ୟାଙ୍କନ ପରେ, ଏମପିସି ସର୍ବସମ୍ମତିକ୍ରମେ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରି ୫.୫୦% କରିବାକୁ ନିଷ୍ପତ୍ତି ନେଇଛି।

# ବାଦ୍ ପଡ଼ିଥିବା ଓ ନୂତନ ଯୋଗ୍ୟ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

**ନୂଆପଡା, ୭।୧୦(ନି.ସୂ) :** ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ପରିପ୍ରେକ୍ଷୀରେ, ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ନୂଆପଡ଼ା ଜିଲ୍ଲାରେ ଆଜିଠାରୁ ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ୦୯ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ।

ଅଭିଯାନ ଅଧୀନରେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରାଯାଇ ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରିବା ସହ ଭୋଟର ତାଲିକାରେ ସେମାନଙ୍କ ନାମ ସାମିଲ କରିବା ପାଇଁ ଘରକୁ ଘର ଯାଇ ସଚେତନତା ଓ ସହଯୋଗ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ୧୮ ବର୍ଷ ବୟସ ପୂରଣ କରିଥିବା ନୂତନ ଯୁବ



ଭୋଟରଙ୍କ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ବାଦ୍ ପଡ଼ିଥିବା ଯୋଗ୍ୟ ନାଗରିକ ଓ ନୂତନ ଯୋଗ୍ୟ ଭୋଟରମାନେ ନିଜ ଅଞ୍ଚଳର ବୁଥ୍‌ରେ ନିୟୋଜିତ ବିଏଲଓଙ୍କ ସହ ଯୋଗାଯୋଗ କରି ଫର୍ମ-୬ ମାଧ୍ୟମରେ ଭୋଟର ତାଲିକାରେ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏଥିସହ ଅନଲାଇନ୍ ମାଧ୍ୟମରେ ମଧ୍ୟ ନୂତନ ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିହେବ।

ଜିଲ୍ଲାର କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରେ ନାମ ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି ଏବଂ ସମସ୍ତ ଯୋଗ୍ୟ ନାଗରିକ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିପାରନ୍ତି, ତାହା ନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ନାଗରିକ, ବିଶେଷକରି ନୂତନ ଯୁବ ଭୋଟରମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରି ୦୯ ଅକ୍ଟୋବର ମଧ୍ୟରେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରାଇବାକୁ ଅନୁରୋଧ କରାଯାଇଛି।

# ଷୋଳଘର କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ

**ପୁରୁଷୋତ୍ତମପୁର, ୭।୧୦(ନି.ସୂ) :** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଷୋଳଘର କ୍ଲଷ୍ଟର ସ୍ତରୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସୁରଭି ମହୋତ୍ସବ-୨୦୨୬ ହିଣ୍ଡୁଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

କ୍ଲଷ୍ଟରର ଉଜଉଉ ଶ୍ରୀ ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱ ଓ ହିଣ୍ଡୁଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସଦାନନ୍ଦ ବସନ୍ତିଆଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟରୁ ମୋଟ ୧୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରଛାତ୍ରୀମାନେ ଆସନ୍ତା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଇଓ ତଥା ବିଆରସିସି ବିଜୟ ଚନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ଜାନି ଓ ଦେବରାଜ ବେହେରା,



ଷୋଳଘର ଗ୍ରା.ପ ସମିତି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବେହେରା ଓ ଗଣେଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବିଚାରକ ମଣ୍ଡଳୀ ଦାୟିତ୍ୱ ତୁଲାଇଥିଲେ। ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଷ୍ଟଲ। ଶିକ୍ଷକ, ଛାତ୍ର ଓ ଅଭିଭାବକମାନେ ଏହାର ଭରପୂର ଆନନ୍ଦ ନେଇଥିଲେ।

ସଭା ମଞ୍ଚ ସଜ୍ଜାରେ ହିଣ୍ଡୁଳା ପ୍ରା.ବି.ର ସହକାରୀ ଶିକ୍ଷକ ତପୁ ସିଂଙ୍କ ନିଖୁଣ କାରିଗରୀ ପ୍ରଶଂସନୀୟ ଥିଲା। ଶେଷରେ ପ୍ରଧାନ ଶିକ୍ଷକ ବସନ୍ତିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡାରେ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ

**ନୂଆପଡା, ୭।୧୦(ନି.ସୂ) :** ନୂଆପଡ଼ା ଜିଲ୍ଲାରେ ଶିଳ୍ପ କ୍ଷେତ୍ରରେ ନୂତନ ନିବେଶକୁ ପ୍ରୋତ୍ସାହନ ଦେବା ଏବଂ ନିବେଶକମାନଙ୍କୁ ଆବଶ୍ୟକ ଅନୁମୋଦନ ପ୍ରକ୍ରିୟାକୁ ସୁଗମ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ କର୍ତ୍ତୃପକ୍ଷ ବୈଠକ ଜିଲ୍ଲାପାଳ ମଧୁସୂଦନ




ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ କୋମନା ବ୍ଲକ୍ ଛିନ୍ଦପାଣିସ୍ଥିତ ମେସର୍ସ ଚାକାନାୟନା ଟେକ୍ସଟାଇଲ୍ (ଜିନିଂ ମିଲ୍) ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ପ୍ରାୟ ୭.୬୧ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ଏହି ୟୁନିଟ୍‌ର ବାର୍ଷିକ ଉତ୍ପାଦନ କ୍ଷମତା ୨,୦୦୦ ମେଟ୍ରିକ୍ ଟନ୍ ରହିବ।

ଏଥିସହ ଖଡ଼ିଆଳ ସ୍ଥିତ ଶ୍ୟାମକୁମ୍ ରିସର୍ଟ ପାଇଁ ୬.୫୬ ଏକର ଜମିର ଲ୍ୟାଣ୍ଡ କନଭର୍ସନ୍ ପ୍ରସ୍ତାବକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି। ଜିଲ୍ଲାରେ ନିବେଶ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସହ ବିଭିନ୍ନ ଅନୁମୋଦନ ପ୍ରକ୍ରିୟାକୁ ସରଳ, ସ୍ୱଚ୍ଛ ଓ ସମୟବଦ୍ଧ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜିଏମ୍, ଡିଆଇସି ସମୀର ମୁଦୁଲିଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ

**ନୂଆପଡା, ୭।୧୦(ନି.ସୂ) :** ନୂଆପଡା ସଦର ମହକୁମା ସ୍ଥିତ ୩୫୩ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ନୂଆପଡ଼ାର ୩୨ ବର୍ଷୀୟ ଯୁବକ ଥାନୁ ରାମ ସାହୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଉତ୍ତେଜନା ଲାଗି ରହିଥିବା ବେଳେ ମୃତକ ପରିବାରଙ୍କୁ ଆର୍ଥିକ ସହାୟତା ଦାବୀ। ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ନ

ଗୋତମା ଛକ ଠାରେ ସଡ଼କ ଦୁର୍ଘଟଣା ହୋଇଅଛି। ମୋ ବସ୍ ଧକ୍କା ଦେବା ଫଳରେ



ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ତେଲିପଡା ନିବାସୀ ଥାନୁରାମ ସାହୁ ଏବଂ ରେଖୁରାମ ସାହୁ ଖରିଆର ରୋଡ ପଟୁ ନୂଆପଡା ଅଭିମୁଖେ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ସେହି ସମୟରେ ନୂଆପଡା ପଟୁ ଓଏସଆରସିଟି ବସ ଖରିଆର ରୋଡ ଅଭିମୁଖେ ଯାଉଥିଲା ବସ୍‌ଟି ଏକ ଟ୍ରକକୁ ଓଭରଟେକ କରୁଥିବା ସମୟରେ ଥାନୁରାମ ସାହୁଙ୍କ ମୋଟର ସାଇକେଲକୁ ଧକ୍କା ଦେଇଥିଲା । ଯାହାଫଳରେ ଥାନୁରାମ ଦୁର୍ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ରେଖୁରାମ ଗୁରୁତର ଅବସ୍ଥାରେ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଜୋଙ୍କ ପୋଲିସ ଘାଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତକ ପରିବାରଙ୍କୁ ଆର୍ଥିକ ସହାୟତା ଦାବି ହେଉଅଛି।

## ଅନ୍ଧବିଶ୍ୱାସର ଶିକାର ହେଲେ ମହିଳା

# ଗୁଣିଗାରେଡି ଆଳରେ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

**ବିଶୋଇ/ବିଜାତଳା, ୭।୧୦(ନି.ସୂ) :** ଅନ୍ଧବିଶ୍ୱାସର ସୁଯୋଗ ନେଇ ଜଣେ ବିବାହିତା ମହିଳାଙ୍କୁ ଗୁଣିଗାରେଡ଼ି ଆଳରେ ତିନି ଦିନ ଧରି ଦୁଷ୍କର୍ମ କରାଯାଇଥିବା ନେଇ ବିଶୋଇ ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ୮୧ ବର୍ଷୀୟ ଅଭିଯୁକ୍ତ ଲକ୍ଷ୍ମଣ ଲୋହାରଙ୍କୁ ଗିରଫ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।

ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଜୋଡ଼ା ଅଞ୍ଚଳର ଜଣେ ୩୦ ବର୍ଷୀୟା ମହିଳା ଚଳିତ ବର୍ଷ ସେପ୍ଟେମ୍ବରରେ ବିଶୋଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ ପାରିବାରିକ କାରଣରୁ ତାଙ୍କୁ ନିର୍ଯାତନା ଦିଆଯାଉଥିବା ସହ ସେ ଅସୁସ୍ଥ ମଧ୍ୟ ରହୁଥିଲେ। ଏହାକୁ ନେଇ ସ୍ୱାମୀଙ୍କ ସହ ମଧ୍ୟ ତିକ୍ତତା ସୃଷ୍ଟି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପାରିବାରିକ ସମସ୍ୟାର ସମାଧାନ, ସ୍ୱାମୀଙ୍କ ସହ ସୁସମ୍ପର୍କ ଏବଂ ନିଜ ସ୍ୱାସ୍ଥ୍ୟ ଠିକ୍ ହେବ ବୋଲି ବିଶ୍ୱାସ କରି ମହିଳା ଜଣକ ଜଣେ ଗୁଣିଆଙ୍କ ଶରଣାପନ୍ନ ହୋଇଥିଲେ। ଅଭିଯୋଗ ଅନୁସାରେ, ବିଶୋଇ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ବାଙ୍କବଳ ଡ୍ୟାମ ଛକ ନିକଟରେ ଗୁଣିଆ କାମ




କରୁଥିବା ଲକ୍ଷ୍ମଣ ଲୋହାରଙ୍କ ଘରକୁ ମହିଳା ଜଣକ ଯାଇଥିଲେ। ସେଠାରେ ତନ୍ତ୍ରମନ୍ତ୍ର ଓ ପୂଜାର୍ଚ୍ଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ କରିଦେବାର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ମହିଳାଙ୍କ ବିଶ୍ୱାସର ସୁଯୋଗ ନେଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଇଚ୍ଛା ବିରୋଧରେ ଅଭିଯୁକ୍ତ ତିନି ଦିନ ଧରି ତାଙ୍କ ସହ ଦୁଷ୍କର୍ମ କରିଥିଲେ।

ପରେ ମହିଳା ଜଣକ ଅସୁସ୍ଥ ହୋଇପଡ଼ିବାରୁ ନିଜ ମୋବାଇଲ ଫୋନ୍‌ରେ ୧୦୮ ଆମ୍ବୁଲାନ୍ସକୁ ଡାକି ସୋମବାର ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।

ଖବର ପାଇ ବିଶୋଇ ଥାନା ପୋଲିସ ମଙ୍ଗଳବାର ରାଇରଙ୍ଗପୁର ମେଡିକାଲରେ ପହଞ୍ଚି ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ତାଙ୍କ ବୟାନ ରେକର୍ଡ କରିଥିଲା। ଏନେଇ ବିଶୋଇ ଥାନାରେ କେସ୍ ନମ୍ବର ୨୧୮/୨୬ରେ ଦୁଷ୍କର୍ମ ମାମଲା ରୁଜୁ ହୋଇଛି।

ପୋଲିସ ଅଭିଯୁକ୍ତ ଲକ୍ଷ୍ମଣ ଲୋହାରଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ଘଟଣାର ସମସ୍ତ ପାର୍ଶ୍ୱ ନେଇ ତଦନ୍ତ ଚାଲିଥିବା ବେଳେ ତଦନ୍ତ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

**ସାଲେପୁର, ୭।୧୦(ନି.ସୂ) :** କଟକ ଜିଲ୍ଲା ସାଲେପୁର ବ୍ଲକ ରଟିଲୋ ପଞ୍ଚାୟତର ବୁରୁଡ଼ା ଗାଁରେ ରହିଥିବା ଅଙ୍ଗନୱାଡି କେନ୍ଦ୍ରରେ ବ୍ୟାପକ ଅନିୟମିତତା ହେଉଥିବା କଟକ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି ଗର୍ଭବତୀ ମହିଳା ଓ



ଗ୍ରାମବାସୀ । ଏହି ଅଙ୍ଗନୱାଡି ୱାର୍କରଙ୍କ କାର୍ଯ୍ୟରେ ଅନିୟମିତତା ସହ ଅଗନୱାଡି ଠିକ ସମୟରେ ଖୋଲାଯାଉନାହିଁ । ଯେଉଁ କେତେଟା ଦିନ ଖୋଲାଯାଉଛି ସେଠୀ ପିଲାଙ୍କୁ ରନ୍ଧାଖାଦ୍ୟ ଦେଉନାହାନ୍ତି ତାହାସହ ନିୟମିତ ଅଣ୍ଡା ମଧ ଦେଉନାହାନ୍ତି ଏବଂ ଠିକ ସମୟରେ ଗର୍ଭବତୀ ମହିଳା ମାନଙ୍କ ପାଞ୍ଜି କରଣ କରୁନଥିବାରୁ ସେମାନେ ସରକାରୀ ସୁବିଧା ପାଇଁ ପାରୁ ନଥିବା ଅଭିଯୋଗ ଆଣିଛନ୍ତି।

ଏନେଇ ସେମାନେ ପୂର୍ବରୁ ସାଲେପୁର ସିଡିପିଓଙ୍କୁ ମଧ ଅଭିଯୋଗ କରିଥିଲେ ହେଲେ ତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଶେଷରେ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ କରି କାର୍ଯାନୁଷ୍ଠାନ ଦାବି କରିଛନ୍ତି ଗର୍ଭବତୀ ଏବଂ ପିଲାଙ୍କ ଅଭିଭାବକ ମାନେ। ସେପଟେ ଅଭଯୋଗ ପାଇଲା ପରେ ମଧ ଉକ୍ତ ଘଟଣା ଉପରେ ରେ ସାଲେପୁର ସିଡିପିଓ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି, ଯାହାକୁ ନେଇ ସାଧାରଣ ରେ ସନ୍ଦେହ ଉପୁଜିଛି ।

# +୩ ମହିଳା କଲେଜରେ ନିର୍ବାଚନ କରିବାକୁ ଦାବି

**ପଟ୍ଟାମୁଣ୍ଡାଇ, ୭।୧୦(ନି.ସୂ) :** ରାଜ୍ୟ ସରକାର କଲେଜ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ +୩ ମହିଳା କଲେଜ ସରକାରୀ ଅନୁଦାନ ପ୍ରାପ୍ତ ହୋଇନ ଥିବାରୁ ଏହି କଲେଜରେ ନିର୍ବାଚନ ହେବ ନାହିଁ। ଏଥି ନେଇ ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି କଲେଜ ର ଛାତ୍ରୀମାନେ କଲେଜର ଅଧକ୍ଷଙ୍କ ଜରିଆରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଦେଇ ନିର୍ବାଚନ କରିବାକୁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଏଥି ପୂର୍ବରୁ ଅନୁଦାନ ପ୍ରାପ୍ତ ହୋଇ ନ ଥିଲେବି ନିର୍ବାଚନ ହେଉଥିଲା କେମିତି ବୋଲି ଯୁକ୍ତି ବାଢ଼ି ଛନ୍ତି।ଏଥିସହିତ ସ୍ଥାନୀୟ ପ୍ରଶାସନ କୁ ଛାତ୍ରୀ ମାନେ ଭେଟି ଏବିଷୟରେ ଅଭିଯୋଗ ପ୍ରଦାନ କରିଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା ପଞ୍ଚମ ଦିନରେ

# ଛାଣିପୁର, ପିକୋଳ ଓ ବାରିଗୋଳ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା କଲେ ବିଧାୟକ

**ସାଲେପୁର, ୭।୧୦(ନି.ସୂ) :** ବିଜେଡି ପକ୍ଷରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ପଞ୍ଚମ ଦିନରେ ପହଁଚିଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଆଜି ସାଲେପୁର ବ୍ଲକ ଛାଣିପୁର ପଂଚାୟତ, ପିକୋଳ ପଂଚାୟତ ଓ ବାରିଗୋଳ ପଂଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ପଂଚାୟତ ଜନପ୍ରତିନିଧି ଓ ବିଜେଡି କାର୍ଯ୍ୟକର୍ତ୍ତା ଏବଂ ବହୁ ସଂଖ୍ୟାରେ ମହିଳା, ଯୁବ, ଛାତ୍ର ବିଜେଡିର କର୍ମୀମାନେ ପଦଯାତ୍ରାରେ ସାମିଲ ହୋଇ ଡବଲ ଇଞ୍ଜିନ ବିଜେପି ସରକାରର ବିଫଳତାକୁ ନେଇ ନାରାବାଜୀ ଦେଇ ପଦଯାତ୍ରା କରିଥିଲେ। ପୂର୍ବ ବିଜେଡି ସରକାର ସମୟରେ




ପଂଚାୟତ ସ୍ତରରେ ହେଉଥିବା ଦ୍ରୁତ ବିକାଶ ଓ ନବୀନ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାରେ ମିଳୁଥିବା ସୁଫଳ ଆଜି କିପରି ବାଟବଣା ହୋଇଛି ଜନସାଧାରଣଙ୍କୁ ସଚେତନ କରାଉଥିଲେ । ବିଭିନ୍ନ ପଂଚାୟତ ପଦଯାତ୍ରା ସମୟରେ ମହିଳାମାନେ ଓ ଜନସାଧାରଣ ତାଙ୍କର ପ୍ରିୟ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଶ୍ରୀଯୁକ୍ତ ବେହେରାଙ୍କ ସହିତ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ,ଛାଣିପୁର ସରପଞ୍ଚ ଗାୟତ୍ରୀ ଷଡଙ୍ଗୀ, ସମିତିସଭ୍ୟ ମନୋଜ ସେଠୀ, ବାରିଗୋଳ ସମିତିସଭ୍ୟା ତ୍ରିପୁରା ବେହେରା, ପିକୋଳ ସରପଞ୍ଚ ମାଣିକ ବେହେରା, ବିଜେଡି ବରିଷ୍ଠ ନେତା ବିଶ୍ୱନାଥ ପଣ୍ଡା, ପ୍ରସନ୍ନ ଜେନା, ପରମାନନ୍ଦ ପଲେଇ, ଯୁବନେତା ବିରଞ୍ଚି ନାରାୟଣ କର, ବିଧୁଭୂଷଣ ସ୍ୱାଇଁ,ରଞ୍ଜିତ ଦାସ,ନାରୀନେତ୍ରୀ ତୃପ୍ତିରେଖା ପରିଡା,ବ୍ଲକ ସଂଖ୍ୟାଲଘୁ ସେଲ ସଭାପତି ସମିମ ଅକ୍ତର,ହରିହର ସାହୁ, ସେକ ଅବଦୁଲ ଫାରୁକ, ସେକ ଇବ୍ରାର ଅହମ୍ମଦ ପ୍ରମୁଖଙ୍କ ସମେତ ବହୁ ମହିଳା, ଯୁବ ଛାତ୍ର ବିଜେଡି କର୍ମୀ ସାମିଲ ହୋଇଥିଲେ ।

## କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# 'ଓଡିଶାବାସୀଙ୍କ ପାଇଁ ଡବଲ ଇଞ୍ଜିନ ସରକାର ଅଭିଶାପରେ ପରିଣତ ହୋଇଛି'

**କେନ୍ଦୁଝର, ୭।୧୦(ନି.ସୂ) :** କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟ କାରିଣୀ ବୈଠକ ମଙ୍ଗଳବାର ଦିନ କେନ୍ଦୁଝର ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଛି। ବିଜୁ ଜନତା ଦଳର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ ଦେଶରେ ଏକ ମିଛୁଆ ସରକାର ଚାଲିଥିବା ବେଳେ ଦେଶର ବୈଦେଶିକ ନୀତି ବିଫଳ ହୋଇଛି। ସରକାର ନିଜେ ନିଜର ପିଠି ଥାପୁଡ଼େଇ ବାହାବା ନେଉଛନ୍ତି।

ରାଜ୍ୟରେ ପାଠ୍ୟ ପୁସ୍ତକ ବିଭ୍ରାନ୍ତି ଆମକୁ ଲଜ୍ଜିତ କରିଛି, ଏହା ଆମ ଭବିଷ୍ୟତ ପିଢ଼ିକୁ ଅନ୍ଧାର ମଧ୍ୟକୁ ଠେଲିଦେଇଛି। ପୂର୍ବରୁ ରାଜ୍ୟରେ ଲାଗୁ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୪ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା ମାତ୍ର ସମଗ୍ର ଦେଶରେ ଆୟୁଷ୍ମାନ ଯୋଜନାରେ ମାତ୍ର ୬ହଜାର କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯିବା ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ସାଙ୍ଗରେ ଡବଲ ଇଂଜିନ ସରକାର ଖେଳ ଖେଳିଛି ବୋଲି ସେ କହିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ରାଜ୍ୟ ସରକାରଙ୍କ ୨୭ମାସରେ ୨୭ଟି ବିଫଳତା ଜଳଜଳ ହୋଇ ଦେଖାଯାଉଛି । ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଏ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଚରମ ବିଫଳତା ପାଇଛନ୍ତି। ରାଜ୍ୟରେ ଡିଜି କିଏ ହେବ ତାହା ଫଇସଲା ହୋଇ ପାରୁନାହିଁ। ସରକାରଙ୍କ ବିଫଳତାକୁ ନେଇ ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ସରକାର ଥିବା ସମୟରେ ୨ଲକ୍ଷ ୬୫ହଜାର କୋଟି ବଜେଟ ଛାଡ଼ିଥିଲୁ କିନ୍ତୁ ଏବେ ଶତକଡା ୧୯ପ୍ରତିଶତ କେନ୍ଦ୍ରୀୟ ଅନୁଦାନ କମ ଆସିଛି। ଆଜି ଓଡ଼ିଆ ଅସ୍ମିତା କୁଆଡେ ଗଲା ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଥିବା ବେଳେ ଓଡିଶାରୁ ନିର୍ବାଚିତ ହୋଇଥିବା ୨୦ଜଣ ଏମପି ଚୁପ ହୋଇ ବସିଛନ୍ତି ବୋଲି ସେ କହିବା ସହ ରାଜ୍ୟରେ ପ୍ରତିଦିନ ଦୁଷ୍କର୍ମ ହେଉଛି।

ହେଲେ। କେନ୍ଦୁଝର ଜିଲ୍ଲାରେ ରାଜ୍ୟର ସର୍ବାଧିକ ଡ୍ରପ ଆଉଟ ବୋଲି ସେ କହିଥିଲେ। ସରକାରୀ କର୍ମଚାରୀଙ୍କ ବଦଳି ରେ ବ୍ୟାପକ ଲାଞ୍ଚ କାରବାର ହେବା କଥା କାହାକୁ ଅଛପା ନୁହେଁ ବୋଲି ସେ କହିଥିଲେ। ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ନିଜ ବକ୍ତବ୍ୟରେ




ସରକାରଙ୍କୁ ଆହ୍ୱାନ ଦେଇ ଲୋକମାନଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାର ଦିଅ ବୋଲି ସେ କହିଥିଲେ। ଏ ସରକାର ଗୁଣ୍ଡାଗର୍ଦ୍ଦି ରେ ବିଶ୍ୱାସ କରନ୍ତି। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ସାରା ଦେଶ କୁ ଭୁଆଁ ବୁଲେଇବାରେ ମାଷ୍ଟର। ରାଜ୍ୟରେ ପ୍ରଭୁଙ୍କୁ ନେଇ ରାଜନୀତି, ରଙ୍ଗକୁ ନେଇ ରାଜନୀତି କରୁଛନ୍ତି। ପ୍ରତି ମାସରେ ଭତ୍ତା ପାଉନାହାନ୍ତି ହିତାଧିକାରୀ, ୩ହଜାର ଟଙ୍କା ଭତ୍ତା କୁଆଡେ ଗଲା, ଆଉ ୩୦୦ୟୁନିଟ ବିଜୁଳି ବିଲ ମିଥ୍ୟା ଆଶ୍ୱାସନାରେ ପରିଣତ ହୋଇଛି। ଦିନେ ଧରଣୀଧର ମାଟିରୁ ବିପ୍ଳବର ସ୍ୱର ଶୁଭିଥିବା ବେଳେ କଲରା ମୁଣ୍ଡାର ବ୍ୟାଙ୍କ ଜମା ତାର ଭାଇ ଜିତୁ ମୁଣ୍ଡାକୁ ମିଳିଲା ନାହିଁ, ଜଣେ କନେଷ୍ଟବଳ ସ୍ୱାମୀଙ୍କୁ ହତ୍ୟା କରାଗଲା, ତେଣୁ କେନ୍ଦୁଝରକୁ ନେଇ ଆମେ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ ଅତୀତରେ ଦଳର ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା ସହିତ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବାକୁ ହେବ ବୋଲି ସେ କହିବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ବିଫଳ ହୋଇଥିବା ପ୍ରକାଶ କରିଥିଲେ।

ଏହି ବୈଠକରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ , ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ,ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ,ସଦର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀନୀ ମୀନା ମାଝୀ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ କମଳିନୀ ପାତ୍ର , ଯୁବ ସଭାପତି ରାକେଶ ରାମ,ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ,ଜିଲ୍ଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ,ସତ୍ୟବ୍ରତ ନାୟକ,ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାୟକ,ବରିଷ୍ଠ ନେତା ବିକ୍ରମ କେଶରୀ ବିଶ୍ୱାଳ,ତେଲକୋଇ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସିଂ, ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର,ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗିରିଧାରୀ ମହାନ୍ତ, ଇଂ ହରିଭକ୍ତ କୁନା ଗିରି,ଦୁର୍ଯ୍ୟୋଧନ ବାରିକ, କାଉନସିଲର ସୁରେନ୍ଦ୍ର ଦାସ,ପୂର୍ବତନ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ, ଗୌରାଙ୍ଗ ରଣା,ବରିଷ୍ଠ ନେତା ବିଜୟ ମହାନ୍ତି, ହାଟଡିହି ବ୍ଲକର ଉପାଧ୍ୟକ୍ଷ ରତିକାନ୍ତ ରାଉତ,ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ,କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ,କାଉନସିଲର କେକି କାକଳି କୁମୁରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଶେଷରେ ପୂର୍ବତନ ଜିଲ୍ଲା ସଭାପତି ବିମ୍ବାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏମଏମଡିଆର ଆକ୍ଟ, ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି, କେନ୍ଦୁଝର ଜିଲ୍ଲାରେ ଆଇନଶୃଙ୍ଖଳାରେ ଅଧୋଗତି ଓ ଧରଣୀଧର ବିଶ୍ୱବିଦ୍ୟାଳୟର ପୂର୍ବସ୍ଥିତିକୁ ଫେରାଇ ଆଣିବା ପାଇଁ ଆନ୍ଦୋଳନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଧରଣୀଧର ମହାବିଦ୍ୟାଳୟର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ସାହୁ, ରାଜକିଶୋର ନନ୍ଦ, ସିଦ୍ଧେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଏକ ଭିଡିଓ ବାର୍ତ୍ତା ପ୍ରସାରିତ ହୋଇଥିଲା ।

## ଇନର ହ୍ୱିଲ୍ କ୍ଲବ ଖୋରଧା ଅଫିସିଆଲ ପରିଦର୍ଶନ

# ମହିଳା ସଶକ୍ତୀକରଣ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

**ଖୋରଧା, ୭।୧୦(ନି.ସୂ) :** ଖୋରଧା ଇନର ହ୍ୱିଲ୍ କ୍ଲବ କ୍ଷେତ୍ର ପରିଦର୍ଶନରେ ଜିଲା ଅଧକ୍ଷକ ଡକ୍ଟର ମଞ୍ଜୁଶା ବ୍ୟାସମପୟାମଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି କବିତା ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।




ଏହି ଅବସରରେ କ୍ଲବ ସମ୍ପାଦିକା ସୌମା ପରିଜାଙ୍କ ଦ୍ୱାରା ପ୍ରୋଜେକ୍ଟର ମାଧ୍ୟମରେ କ୍ଲବ ପକ୍ଷରୁ ଗତ ଦିନଗୁଡ଼ିକରେ କରାଯାଇଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟ ଓ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଜିଲା ଅଧକ୍ଷକ ଡକ୍ଟର ମଞ୍ଜୁଶା ବ୍ୟାସପ୍ୟାମ ,ଝିଅ ଓ ମହିଳାଙ୍କ ଶିକ୍ଷା, ସଶକ୍ତୀକରଣ ସହ ପରିବେଶ ସୁରକ୍ଷା ଦିଗରେ ଅଧିକ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପରିଦର୍ଶନ ଅବସରରେ ଶାନ୍ତିଦାନ କଲୋନୀର ୨୦ ଜଣ ମହିଳାଙ୍କୁ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।

ସେହିପରି ପୋଷ୍ଟ ମେନ ବୋର ସୋରେନଙ୍କୁ ସଂଗୀତା ସକ୍ଷମନ୍ତଙ୍କ ଦ୍ୱାରା ୧ ହଜାର ଟଙ୍କା ଆର୍ଥିକ ସହାୟତାତଥା ଗୁଂଗୁଣ ରାଓ ଓ ପ୍ରିୟଦର୍ଶନୀ ବେହେରାଙ୍କୁ, କଲେଜ ଛାତ୍ରୀ ଙ୍କୁ ୨୦୦୦ଟଙ୍କାର ଆର୍ଥିକ ସହାୟତା, ସ୍ୱୟଂପ୍ରଭା ପଟ୍ଟନାୟକଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା,ସମାଜର ସାମ୍ବାଦିକ ଓ ସାମାଜିକ ସେବା କ୍ଷେତ୍ରରେ ଅବଦାନ ପାଇଁ ସାମ୍ବାଦିକ ରାଜେଶ ମହାନ୍ତି, ନିଉଜ ସେବେନର ସାମ୍ବାଦିକ ସମରେନ୍ଦ୍ର ବଳିୟାରସିଂ ସାମ୍ବାଦିକ ମହମଦ ଫଜଲୁର ରେହମାନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଆଇଏସଓ ଅମିତ ସିଂହାଙ୍କୁ 'ବେଷ୍ଟ କପଲ୍' ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ବରିଷ୍ଠ ସଦସ୍ୟା ଶ୍ରଦ୍ଧା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା।ଏହିଁ ଅବସରରେ ପରିବେଶବିତ, ସମାଜସେବୀ ସୁକାନ୍ତି ପଟ୍ଟନାୟକ ପୁରସ୍କୃତ କରାଯାଇଥିଲା,ଏହି ଅବସରରେ ଏଡିଏମ୍ ନିର୍ମଳା, ଏଡିଟର ଜୋଷ୍ଣା ପଟ୍ଟନାୟକଙ୍କ ଦ୍ୱାରା 'କରୁଣା' ପତ୍ରିକା ଉନ୍ମୋଚିତ ହୋଇଥିଲା।କାର୍ଯ୍ୟକ୍ରମରେ ମନ୍ଦିରା ଦେ, ଭାରତୀ ମିଶ୍ର, ଅଞ୍ଜଳି ଦାସ, ଇନ୍ଦୁମତୀ ସାହୁ, ତନ୍ମୟା ସାହୁ, ପ୍ରଶାନ୍ତି ସାହୁ, ସଙ୍ଗୀତା ସାମନ୍ତ, ରେଣୁପ୍ରଭା ପଟ୍ଟନାୟକ, ପ୍ରଜ୍ଞା ପଟ୍ଟନାୟକ, କନକଲକ୍ଷ୍ମୀ ମହାନ୍ତି ଓ ସୁକାନ୍ତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ, ଶେଷରେ ଅଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳଗିରିବ୍ଲକରେ ହେଉଥିବା ବ୍ୟାପକ ଅନିୟମିତତା ଓ ଦୁର୍ନୀତି ନେଇ ବିଜେଡି ପକ୍ଷରୁ ପ୍ରତିବାଦ ସଭା

ନୀଳଗିରି,୭/୧୦( ନି.ପ୍ର): ନୀଳଗିରି ବ୍ଲକ ରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିକୁ ନେଇ ବିଜେଡି ପକ୍ଷରୁ ବ୍ଲକ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ନୀଳଗିରି ସହର ବାଇ ପାଶ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ବିଜୁ ପ୍ରେମୀ ମାନେ ମାଲ୍ୟାର୍ପଣ କରିଥିଲେ। ପରେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ବିଜେପି ବିରୋଧୀ ନାରା ଦେଇ ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ ।ବ୍ଲକ ସମ୍ମୁଖରେଆୟୋଜିତସଭାରେ ନୀଳଗିରିପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ସଭାପତିତ୍ୱକରି ସ୍ଥାନୀୟ ବିଡ଼ିଓ ବିକ୍ରମ କେଶରୀ ପରିଡା, ତାଙ୍କ ସ୍ତ୍ରୀ ତହସିଲଦାର ସୋନମ ଦାସ କିପରି ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ବେଆଇନ, ମନମୁଖୀ କାର୍ଯ୍ୟ କରୁଥିବା ଓ ବିଜେପି ସରକାରଙ୍କ ଶାସନକୁ ସମାଲୋଚନା କରିଥିଲେ । ବିଶେଷ କରିନୀଳଗିରି ବ୍ଲକ ରେ ରାସନ କାର୍ଡ ,ଭତ୍ତା, ଜିପି ଏଲ ଏଫ ବିଲିଡିଂ, ଆବାସଘର,ଏସେଏଫ ସି, ଜିଆଇଏ ,ବିଜିବିଓ,ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତାଯୋଜନା,ସୁବିଧା ଗୃହ ,ସୌରଶକ୍ତି,ପ୍ରଦାନରେ ବିଡିଓ ସରକାରୀ ନିୟମ କୁ ଜଳାଞ୍ଜଳି ଦେଇ ଦୁର୍ନୀତି ହେଉଛି ବୋଲି ଅଭିଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନିଳଗିରି ବିଡ଼ିଓଙ୍କ ମେରୀ ରାଏ ନୀତିକୁ ସମାଲୋଚନା କରିବା ସହିତ ବିଜେପି ସରକାରକୁ ‘ଲୁଟ୍ ସରକାର’ ବୋଲି ସମାଲୋଚନା କରି ସ୍କୁଲ ପିଲାଙ୍କ ପୋଷାକରୁ ଶାସକ ଦଳର ବିଧାୟକ ପିସି ନେବାକୁ ପଛାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ । ବିଜେଡ଼ି ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁକର୍ମୀଙ୍କୁ ପ୍ରସ୍ତୁତ ହେବାକୁ କହିଥିଲେ । ସେ କହିଥିଲେ‘ବିଜେପି ଶାସନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ,ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେବା ସହ ନାରୀ ଅସୁରକ୍ଷିତ ଏବଂ ଦରଦାମ ବୃଦ୍ଧି ଯୋଗୁଁ ଲୋକେ ହନ୍ତ ସନ୍ତ ହୋଇଛନ୍ତି ବୋଲି କହିଛନ୍ତି। ରେମୁଣା ର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା , ଜିଲ୍ଲା ମହିଳା ବିଜେଡି ସଭାପତି ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ,ପୂର୍ବତନ ଉପାଧ୍ୟକ୍ଷ ଶ୍ରୀମତୀ କମଳା



ପରିଡା, ପୂର୍ବତନ ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ,ଜିଲ୍ଲା ସମ୍ପାଦକ ରବୀନ୍ଦ୍ର ପରିଡା ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର ନିଜ ନିଜ ବକ୍ତବ୍ୟ ରେ ବିଡ଼ିଓ ଙ୍କ ମନମୁଖୀ ବେଆଇନ କାର୍ଯ୍ୟ କୁ ବିଜେଡି ଉଚିତ ଜବାବ ଦେବବୋଲି କହି ଥିଲେ ।ଅନ୍ୟମାନଙ୍କ ମଧ୍ୟରେ,ବ୍ଲକ ସଭାପତି ରାଜିବ ଦାସବାବୁ,ରାମକୃଷ୍ଣ ମହାପାତ୍ର, ବରିଷ୍ଠ ନେତା ଉପେନ୍ଦ୍ର ଦାସ,ସରପଞ୍ଚ କୁଳମଣି ନାୟକ,ଚାଷୀ ନେତା ଧୀରେନ୍ଦ୍ର ବେହେରା, ସରପଞ୍ଚ ସଞ୍ଜୟ ସିଂ,ସରପଞ୍ଚ ସୁରଥ ସିଂ, ଅଭିମନ୍ୟୁ କର ,ଧୀରେନ୍ଦ୍ର ମୁଦୁଲି, ଗଙ୍ଗାଧର ବିଶ୍ୱାଳ, ହେମେନ୍ଦ୍ର ରାଜ ପ୍ରମୁଖ ବିଜେପି ସରକାରକୁ ସମାଲୋଚନା କରିବା ସହ ବିଜେଡିର ୨୪ ବର୍ଷର ଶାସନ ସମ୍ପର୍କରେ ମତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ନଟୁ ସରକାର, ବବୁଲା ମହାନ୍ତି,ସୁନିଲ ପ୍ରଧାନ, ଗଙ୍ଗାଧର ସିଂ, କ୍ଷେତ୍ରମୋହନ ସିଂ, ପ୍ରକାଶ ସିଂ, ଚନ୍ଦନ ନାୟକ, ଶମ୍ଭୁ ନାଥ ବେହେରା, ନଗର ସଭାପତିଅଚତ୍ୟୁ ପ୍ରଧାନ,ମହେଶ୍ୱ ଗୋଛୟତ, ମାନସ ରାଉତ, ମାନସ ସ୍ୱାଇଁ,ଙ୍କ ସମେତ ବହୁ ଯୁବକ ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ତ୍ତ ବିଭାଗ ରାସ୍ତାରେ ଉଡୁଛି କ୍ରସରଗୁଣ୍ଡ

## ଧୂଳିରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଲୋକେ: ଯନ୍ତ୍ରୀ ଚୁପ

ରାଜନଗର,୭।୧୦(ନି.ସୂ); ରାଜନଗର ବ୍ଲକର ମଦନପୁରଠାରୁ ଗୋପାଳପୁର ଭାୟା କେରଡାଗଡ ପୂର୍ତ୍ତ ବିଭାଗ ରାସ୍ତା । ଏହି ରାସ୍ତା ଦେଇ ସାନବଡ ଗୋପାଳପୁର, ବାଲିସାହିପାଟଣା, କେରଡାଗଡ,ରାଜପୁର, ବେଲପାଳ,ଓସ୍ତିଆ ପଂଚାୟତର ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ଯିବା ଆସିବା କରିଥାନ୍ତି । ଏହି ରାସ୍ତାର ୯କିଲୋମିଟର ୬୨୬ମିଟର ରାସ୍ତା ପାଇଁ ପ୍ରାୟ ୧୦କୋଟି ଟଙ୍କା ବ୍ୟୟ ଅଟକଳରେ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଗୋଳପୁରଠାରୁ ବାଲିସାହିପାଟଣା ଗାଁ ପର୍ଯ୍ୟନ୍ତ ପ୍ରାୟ ୫କିଲୋମିଟର ରାସ୍ତା ଉପର ପିଚୁକୁ କାଢି ସମତୁଲ କରିଦେଇଛି । ରାସ୍ତା ଉପରେ ନାମକୁ ମାତ୍ର କ୍ରସରଗୁଣ୍ଡ ଛିଚିଂ ଦେଇଛି । ରାସ୍ତାରେ ପଡିଥିବା କ୍ରସରଗୁଣ୍ଡ ଉଡି ଯାଇ



ପୁନର୍ବାର ଖାଲଖମା ସୃଷ୍ଟି ହୋଇଛି । ବସ ଓ ଟ୍ରକ ତ ଦୂରର କଥା, ସାମାନ୍ୟ ମଟର ସାଇକେଲଟିଏ ଗଲେ ଧୂଳି ଉଡି ଧୂମାଳିଆ ପରିବେଶ ସୃଷ୍ଟି ହେଉଛି । ଯାହାଫଳରେ ଲୋକମାନେ ଧୂଳିରେ ଅକଥନୀୟ ଯନ୍ତ୍ରଣା ଭୋଗୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଚୁପ ରହିଥିବା ଅଭିଯୋଗ ହେଉଛି । ଏନେଇ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ । ଏସଂପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଖୋରଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସଡିଏ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଶାମୁକ୍ତ ଭାରତ ଓ ସ୍ୱଚ୍ଛ ଭାରତ ପାଇଁ ସଚେତନତା ଅଭିଯାନ

ଖୋରଧା,୭/୧୦(ନି.ସୂ) : ଖୋରଧା ର ଅଗ୍ରଣୀ ଶିକ୍ଷା ନୁଷ୍ଠାନ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ନିଶାମୁକ୍ତ ଭାରତ ଓ ସ୍ୱଚ୍ଛ ଭାରତର ବାର୍ତ୍ତା। ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ବ୍ୟାନର ଧରି ବକ୍ସି ଜଗବନ୍ଧୁ ପରିବା ହାଟ, ଖୋରଧା ଅଞ୍ଚଳରେ ପରିବା ବିକ୍ରେତା ଓ ସାଧାରଣ ଲୋକଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିଥିଲେ। ନିଶାଦ୍ରବ୍ୟଠାରୁ ଦୂରେଇ ରହିବା,ନିଶାମୁକ୍ତ ସମାଜ ଗଠନରେ ସହଯୋଗ କରିବା ସହିତ ପରିବେଶକୁ ପରିଷ୍କାର ଓ ସ୍ୱଚ୍ଛ ରଖିବା ପାଇଁ ମଧ୍ୟ ସେମାନେ ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ଏହି ଅଭିଯାନ ମାଧ୍ୟମରେ ଛାତ୍ରଛାତ୍ରୀମାନେ “ନିଶାକୁ ନା, ସ୍ୱଚ୍ଛତାକୁ ହଁ” ଭଳି ସକାରାତ୍ମକ



ବାର୍ତ୍ତା ପ୍ରଚାର କରି ସମାଜକୁ ଏକ ସୁସ୍ଥ, ସଚେତନ ଓ ନିଶାମୁକ୍ତ ଭବିଷ୍ୟତ ଦିଗରେ ଆଗେଇ ନେବାର ଆହ୍ୱାନ ଦେଇଥିଲେ। ଏହି ପ୍ରୟାସ ଛାତ୍ରଛାତ୍ରୀମାନଙ୍କ ସାମାଜିକ ଦାୟିତ୍ୱବୋଧ ଓ ସଚେତନତାର ଏକ ଉତ୍କୃଷ୍ଟ ଉଦାହରଣ ହୋଇଥିଲା।

# ବୁଡ୍ରିକିଆ ପଞ୍ଚାୟତର ବାଲିସୁଗାରେ ଭୟାବହ ଅଗ୍ନିକାଣ୍ଡ

ବାଲିଗୁଡ଼ା,୭/୧୦(ନି.ସୂ):ବାଲିଗୁଡ଼ା ବ୍ଲକ ବୁଡ୍ରିକିଆ ପଞ୍ଚାୟତ ଅନ୍ତର୍ଗତ ବାଲିସୁଗା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ। ନିଆଁରେ ଜଣେ ଅବସରପ୍ରାପ୍ତ ଅଙ୍ଗନବାଡ଼ି କର୍ମୀଙ୍କ ଘରର ବହୁ ଅଂଶ ପୁଡ଼ିଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗ୍ରାମର ଅବସରପ୍ରାପ୍ତ ଅଙ୍ଗନବାଡ଼ି କର୍ମୀ ସୁକୁମାରୀ ପ୍ରଧାନଙ୍କ ଘରେ ହଠାତ୍ ନିଆଁ ଲାଗିଥିଲା। ନିଆଁ ଦ୍ରୁତଗତିରେ ବ୍ୟାପିଯିବାରୁ ଘରର ବହୁ




ଅଂଶ ଜଳିଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୀର୍ଘ ପ୍ରୟାସ ପରେ ନିଆଁକୁ ଆୟତ୍ତ କରାଯିବା ସହ ନିଆଁ ଅନ୍ୟ ଘରକୁ ବ୍ୟାପିବାରୁ ରୋକାଯାଇପାରିଥିଲା। ତେବେ ଅଗ୍ନିକାଣ୍ଡରେ କେତେ ପରିମାଣର ସମ୍ପତ୍ତି ନଷ୍ଟ ହୋଇଛି, ତାହାର ସଠିକ୍ ଆକଳନ ହୋଇନାହିଁ। ସେହିପରି ନିଆଁ ଲାଗିବାର ପ୍ରକୃତ କାରଣ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

କୁହିକା,୭/୧୦(ନି.ସୂ):ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଦାମୋଦରପୁର ସ୍ଥିତ ମହାମାୟୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବାନନ୍ଦ ବୋଷଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ସାହିତ୍ୟ ସମାଜର ସଭାପତି ରାଜୀବ ଲୋଚନ ରାଉତ, ଶିକ୍ଷକ ଓ କର୍ମଚାରୀ ସଂଘ ଜିଲ୍ଲା ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର,ଗୋବର୍ଦ୍ଧନ ରଣା, ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ବରାଳ, ସମ୍ପାଦକ ଉଦୟ ନାରାୟଣ ସିଂସାମନ୍ତ, ବରିଷ୍ଠ ସଦସ୍ୟ ନିରାକାର ନାୟକ। ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ବୋଷଙ୍କ କର୍ତବ୍ୟନିଷ୍ଠ କାର୍ଯ୍ୟ, ସମୟାନୁ ବାର୍ତ୍ତିତା ଓ ଛାତ୍ରଛାତ୍ରୀଙ୍କୁ ଭଲପାଇବା ଆଦି ଗୁଣର ଉଚ୍ଚ ପ୍ରଶଂସା ଓ ଦୀର୍ଘାୟୁ କାମନା କରିଥିଲେ। ଅତିଥି ମାନେ ବିଦାୟୀ ଶିକ୍ଷକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।



# ଅପହରଣ ମାମଲାରେ ଯୁବକ ଗିରଫ ସହ କୋର୍ଟ ଚାଲାଣ

## ରାତି ୯ ଟା ରେ ଡିଗି ପାର୍କରେ ନାବାଳିକାକୁ ଉଦ୍ଧାର, ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ

ଧାମନଗର,୦୭/୧୦(ନି.ସୂ) : ନାବାଳିକା ଝିଅକୁ ଅପହରଣ ଓ ଅସଦାଚରଣ କରିବା ନେଇ ମଙ୍ଗଳବାର ପୀଡ଼ିତାର ବାପାଙ୍କ ପକ୍ଷରୁ ଧାମନଗର ଥାନାରେ ଏତଲା ହୋଇଛି। ଏତଲା କୁ ଭିତ୍ତି କରି ପୋଲିସ କେସ ନଂ ୪୪୦ /୨୬ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଅଭିଯୁକ୍ତ ଜାବିର ଅଲ୍ଲୀ (୧୯) କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକା ଝିଅ କୁ ଭଦ୍ରକ ସ୍ଥିତ ଆସିଆନା ଗୃହ କୁ ପଠାଯାଇଛି ବୋଲି ଥାନାଧିକାରୀ ଶୁଭ୍ରଜିତ ଦାଶ କହିଛନ୍ତି। ଏତଲା ମୁତାବକ ଭଦ୍ରକ ସହରାଞ୍ଚଳ ର ଜଣେ ନାବାଳିକା ଝିଅ ବୟସ (୧୭) ମଙ୍ଗଳବାର ଅପରାହ୍ନ ୪ ଟାରେ ଇସ୍କନ ମନ୍ଦିର ଯିବାକୁ କହି ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଘରକୁ ଫେରିନଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଝିଅର କୌଣସି ସନ୍ଧାନ ମିଳିନଥିଲା। ପରେ ଧାମନଗର ଥାନା ଅଧୀନ ପଦ୍ମପୋଖରୀ ଗ୍ରାମ ନିକଟ ଡିଗି ପାର୍କରେ ଝିଅ ଥିବା ନେଇ ଏକ ଅଜଣା ମୋବାଇଲ ନଂ ରୁ ପରିବାର ଲୋକଙ୍କୁ ଜଣା ଯାଇଥିଲା। ତୁରନ୍ତ ପାର୍କ କୁ ଯାଇ ଝିଅ କୁ ଚିହ୍ନଟ କରିବା ସହ ପରିବାର ଲୋକେ ଘଟଣା ସମ୍ପର୍କରେ ଝିଅକୁ ପଚାରିଥିଲେ। ପରେ ଭଦ୍ରକ ପୁରୁଣା ବଜାର ଅଞ୍ଚଳର ସେକ ଜାବର ଅଲ୍ଲୀ ଖାଁ (୧୯) ହିନ୍ଦୁ ଧର୍ମ ପରିଚୟ ଦେବା ସହ ବିବାହର ପ୍ରଲୋଭନ ଦେଖାଇ ଝିଅକୁ ଜୋର ଜବରଦସ୍ତି ଗାଡ଼ିରେ ଡିଗୀ ପାର୍କକୁ ନେଇ ଯାଇଥିଲା। ପାର୍କର ଦୀର୍ଘ ସମୟ ପର୍ଯ୍ୟନ୍ତ ବୁଲିବା ସହ ଜଙ୍ଗଲ ଭିତରକୁ ନେବା ସମୟରେ ସ୍ଥାନୀୟ ଲୋକେ ସନ୍ଦେହ କରି ଉଭୟଙ୍କୁ ଅଟକ ରଖିଥିଲେ। ପାର୍କ ରେ ବୁଲିବା ସମୟରେ ଯୁବକ ଜଣଙ୍କ



ଜୋର ଜବରଦସ୍ତ ଶାରୀରିକ ଅଶାଳୀନ ବ୍ୟବହାର କରିବାରୁ ଝିଅ ମଧ୍ୟ ପ୍ରତିବାଦ କରିଥିଲା। କିନ୍ତୁ ଯୁବକ ଉପରେ କୌଣସି ପ୍ରଭାବ ପଡ଼ି ନଥିଲା। ତେବେ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ତୁରନ୍ତ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଥାନାଧିକାରୀ ଶ୍ରୀଦାଶ ଘଟଣାକୁ ଗୁରୁତ୍ୱ ଦେଇ ଏକ ପୋଲିସ ଟିମ୍ ପ୍ରାୟ ରାତି ୯ ଟା ସମୟରେ ଡିଗୀ ପାର୍କକୁ ଯାଇ ଉଭୟ ଯୁବକ ଓ ନାବାଳିକା ଝିଅ କୁ ଉଦ୍ଧାର କରି ଥାନା କୁ ନେଇ ଆସିଥିଲେ। ତେବେ ଦୈନିକ ବହୁ ସଂଖ୍ୟାରେ ପର୍ଯ୍ୟଟକ ଡିଗୀ ପାର୍କ କୁ ଯାଉଥିବା ବେଳେ ପାର୍କର ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଅଞ୍ଚଳର ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଖୋଲିବା ଯୋଗୁଁ ପର୍ଯ୍ୟଟକଙ୍କ ସୁରକ୍ଷା କୁ ନେଇ ସାଧାରଣରେ ଚିନ୍ତା ବଢ଼ାଇଛି।

# ଜିଲ୍ଲା ପ୍ରଶାସନ ଓ ଜଳେଶ୍ୱର ଜିକେ ଭଞ୍ଜର ହସପିଟାଲ

## ଏଡ଼ସ ସଚେତନତା କର୍ମଶାଳା



ଜଳେଶ୍ୱର,୭/୧୦(ନି.ସୂ):ଜଳେଶ୍ୱର ଦିଗମ୍ବରୀଦେବୀ ଆଇ ଟି ଆଇ ଜଳେଶ୍ୱର ପରିସରରେ ଅନୁଷ୍ଠିତା ଅନୁଷ୍ଠାନର ଚେୟାରମ୍ୟାନ ଅଧ୍ୟକ୍ଷ ଡ ଅଜିତ କୁମାର ମହାନ୍ତି ଅଧ୍ୟକ୍ଷତାରେ‘ଇଣ୍ଟେନସିଭଫାଏଡ ଆଇସି କେମ୍ପନ ଇଣ୍ଡିଆ ଫାଇଟସ ଅନ ଏଚ ଆଇ ଭି ଏଡସ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ! ଏହି କାର୍ଯ୍ୟକ୍ରମ ଅଗଷ୍ଟ -୨୦୨୬’ରୁ ଅକ୍ଟୋବର -୨୦୨୬ ଦୀର୍ଘ ୯୦ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି । ଏଥିରେ ଆସିଟିସିଭ କୋର୍ଡିନେଟର ରସ୍ମିତା ରାଉତ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ ! ସମ୍ମାନିତ ଅତିଥି ଭାବରେ ରେ !ଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆ ର ସଭାପତି ସୁକୁମାର ରଣା,ଏଚ ଆଇ ଭିଏଡସର ଭୟାଭୟାତା ସମ୍ପର୍କରେ ଆଲୋଚନା ଓ ସଚେତନ କରିଥିଲେ । ଆସିଟିସି, କାଉନସିଲର ତଥା କୋର୍ଡିନେଟର ଜିକେ ଭଞ୍ଜର ହସ୍ପିଟାଲ, ଜଳେଶ୍ୱରର ରସ୍ମିତା ରାଉତ ଏଚଆଇ ଭିଏଡସ ରୋଗର ନିରାକରଣ ଓ ପ୍ରତିରୋଧ ସମ୍ପର୍କରେ ସଚେତନତା କରିଥିଲେ ।ସାଇ କ୍ରିଷ୍ଣା ନର୍ସିଂ କଲେଜ ଅଧ୍ୟାପିକା ଅଭିପ୍ସା ମହାପାତ୍ର, ଅନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି ଏଚଆଇଆଇ ବିଷୟରେ ଆଲୋଚନା କରିଥିଲେ ଫୁଲ ରାଣୀ ହାଁସଦା ଧନ୍ୟବାଦ ଦେଇଥିଲେ।

# ତ୍ରିଶିକାର ଚିକିତ୍ସା ଲାଗି ବିଜେପି ଯୁବ ମୋର୍ଚ୍ଚା ତରଫରୁ ଅର୍ଥ ସଂଗ୍ରହ

## ପୂର୍ବରୁ ୮ କୋଟି ଓ ଆଜି ଜାରକାରେ ୪୨,୪୯,୩୮୫ ଟଙ୍କାର ସାହାଯ୍ୟ ମିଳିଲା

ଧର୍ମଶାଳା /ଯାଜପୁର,୭ ।୧୦(ନି.ସୂ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶକ୍ରମେ ଧର୍ମଶାଳା ବିଜେପି ଯୁବମୋର୍ଚ୍ଚା ତରଫରୁ ଦୁରାରୋଗ୍ୟରେ ପୀଡିତ ତ୍ରିଶିକାର ଚିକିତ୍ସା ନିମନ୍ତେ ଆଜି ଜାରକା ବଜାରରେ ଅର୍ଥ ସଂଗ୍ରହ କରାଯାଇଛି । ଆଜି ସକାଳୁ ଯୁବ ମୋର୍ଚ୍ଚାର ସଦସ୍ୟମାନେ ହାତରେ ବ୍ୟାନର ଧରି ଜାରକା ଫ୍ଲାଇ ଓଭର ବ୍ରିଜ ତଳେ ଏକତ୍ରିତ ହୋଇଥିଲେ । ପରେ ସେଠାରୁ ହାତରେ ବ୍ୟାନର ଧରି ତ୍ରିଶିକାର ଚିକିତ୍ସା ନିମନ୍ତେ ଜାରକା ବଜାରରେ ଥିବା ବିଭିନ୍ନ ଦୋକାନକୁ ଯାଇ ଦୋକାନୀଙ୍କ ଇଚ୍ଛା



ଅନୁଯାୟୀ ଅର୍ଥ ସଂଗ୍ରହ କରିଥିଲେ । ସେହିପରି କଲେଜର ଅନେକ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ତ୍ରିଶିକା ଲାଗି ସାଧାରଣ ଲୋକମାନଙ୍କ ଠାରୁ ଅର୍ଥ ସଂଗ୍ରହ କରିଥିଲେ । ଏଥିସହ ଯୁବମୋର୍ଚ୍ଚାର ସଦସ୍ୟମାନେ ଜାରକା ଛକ ଦେଇ ତଳ ରାସ୍ତାରେ ଯାଉଥିବା ବିଭିନ୍ନ ପ୍ରକାର ଗାଡି ମାଲିକ ଓ ଡ୍ରାଇଭରମାନଙ୍କୁ ତ୍ରିଶିକାର ରୋଗ ସମ୍ପର୍କରେ ସଚେତନ କରି ଅର୍ଥ ରାଶି ସଂଗ୍ରହ କରିଥିଲେ । ସୂଚନା ମୁତାବକ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରମାପୁର ଗ୍ରାମର ମୁକେଶ ରାୟଙ୍କ ୧୬ ମାସର ଶିଶୁ କନ୍ୟା ତ୍ରିଶିକା ସ୍ନାୟୁ ଜନୀତ ସ୍ପାଇନାଲ ମସ୍କୁଲାର ଆଟ୍ରୋଫି ଟାଇପ-୨ ରୋଗରେ ପୀଡିତ ହୋଇଥିବା ବେଳେ ତାର ଚିକିତ୍ସା ନିମନ୍ତେ ୧୬ କୋଟି ଟଙ୍କାର ଆବଶ୍ୟକତା ରହିଛି । ଏନେଇ ତ୍ରିଶିକାର ବାପା ଓ ମା ଝିଅକୁ ସାଥିରେ ଧରି ବିଧାୟକ ଶ୍ରୀ ସାହୁଙ୍କୁ ଭେଟିବା ପରେ ଶ୍ରୀ ସାହୁ ମାନବିକତା ଦେଖାଇ ତ୍ରିଶିକାର ଚିକିତ୍ସା ନିମନ୍ତେ ନିଜ ଦରମାରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ସହିତ ତ୍ରିଶିକାର ଚିକିତ୍ସା ନିମନ୍ତେ ଆବଶ୍ୟକ ଅର୍ଥ ଯୋଗାଡ କରିବାକୁ ସେ ଓଡିଶାବାସୀଙ୍କୁ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତା ପୋଷ୍ଟ କରି ଅନୁରୋଧ କରିଥିଲେ । ଏଥିସହିତ ବିଧାୟକ ଶ୍ରୀ ସାହୁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସହାୟତା ଯୋଗାଇ ଦେବା ଲାଗି ଅନୁରୋଧ କରିଛନ୍ତି । ଏବେ ଶୁଦ୍ଧା ପାଖାପାଖି ୮ କୋଟି ଅର୍ଥ ରାଶି ଯୋଗାଡ ହୋଇଥିବା ବେଳେ ଆହୁରି ୮ କୋଟି ଟଙ୍କା ଯୋଗାଡ କରିବାର ଆବଶ୍ୟକତା ରହିଛି । ଏହା ଦେଖି ସାଧାରଣ ଲୋକମାନଙ୍କ ଠାରୁ କିଛି କିଛି ଟଙ୍କା ସଂଗ୍ରହ କରି ତ୍ରିଶିକାର ଚିକିତ୍ସା ନିମନ୍ତେ ପ୍ରଦାନ କରିବାକୁ ବିଧାୟକ ଶ୍ରୀ ସାହୁ ଧର୍ମଶାଳା ବିଜେପି ଯୁବ ମୋର୍ଚ୍ଚାର ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ଯାହାର ଫଳ ସ୍ୱରୂପ ଆଜି ସକାଳୁ ଯୁବମୋର୍ଚ୍ଚା ତରଫରୁ ଜାରକା ଛକରେ ଦୋକାନୀ ଭାଇ ଓ ଗାଡିରେ ଯାତାୟତ କରୁଥିବା ଲୋକମାନଙ୍କ ଠାରୁ ଅର୍ଥ ରାଶି ସଂଗ୍ରହ କରାଯାଇଛି । ଆଜିର ଏହି ଅର୍ଥ ସଂଗ୍ରହ କାଯ୍ୟକ୍ରମରେ ବିଧାୟକ ହିମାଂଶୁ ନିଜେ ସାମିଲ ହୋଇ ସାହାଯ୍ୟର ହାତ ବଢାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏଥିସହିତ କୁନି ଝିଅ ତ୍ରିଶିକାକୁ ସାଥିରେ ଧରି ତାର ବାପା ମା ଜାରକା ଛକରେ ଉପସ୍ଥିତ ରହିଥିଲେ । ଆଜି ଅନଲାଇନ ଓ ଅଫଲାଇନରେ ୪୨ ଲକ୍ଷ ୪୯ ହଜାର ୩୮୫ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯୁବ ବିଜେପି ଆରୁହା ମଣ୍ଡଳ ସଭାପତି ବିଶ୍ୱଜିତ ପୃଷ୍ଟି,ଜାରକା ମଣ୍ଡଳ ଯୁବ ସଭାପତି ଅଭିଜିତ ବେହେରା, କୋଡପୁର ମଣ୍ଡଳ ଯୁବ ସଭାପତି ଦିବ୍ୟଜ୍ୟୋତି ପରିଡା, କବାଟବନ୍ଧ ମଣ୍ଡଳ ଯୁବ ସଭାପତି ଘନଶ୍ୟାମ ପାତ୍ର, ଜେନାପୁର ମଣ୍ଡଳ ଯୁବ ସଭାପତି କପିଳେନ୍ଦ୍ର ବେହେରା, ବାରବାଟି ମଣ୍ଡଳ ଯୁବ ସଭାପତି ରୁଦ୍ରପ୍ରତାପ ବେହେରା ସମେତ ଯୁବ ସଙ୍ଗଠକ ରାଜେଶ ପାଳ, ଜିତେନ୍ଦ୍ର ରାଉତ, ଅଭିଶୈକ ରାଉତ,ଉପେନ୍ଦ୍ର କର ଓ ଆଲୋକ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ । ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବିଜେଡି ଯୁବନେତାଙ୍କ ମାତୃ ବିୟୋଗ,ଅଞ୍ଚଳରେ ଶୋକର ଛାୟା

କାକଟପୁର,୭/୧୦(ନି.ସୂ): କାକଟପୁର ବ୍ଲକ ଅଧିନସ୍ଥ ନୀଳକଣ୍ଠପୁର ଗ୍ରାମର ଧର୍ମପରାୟଣା ମହିଳା ତଥା ପୁରୀଜିଲ୍ଲା ବିଜେଡି ଉପସଭାପତି ବିଶ୍ୱଜିତ ଦାଶଙ୍କ ମାତୃଦେବୀ ଏବଂ ପୂର୍ବତନ କାକଟପୁର ବ୍ଲକ ଉପାଧ୍ୟକ୍ଷ ସ୍ୱର୍ଗତ ମୁରଲୀଧର ଦାଶଙ୍କ ଧର୍ମପତ୍ନୀ ପ୍ରମିଳା ଦାଶଙ୍କ ଆଜି ସକାଳ ୭ଟା ସମୟରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ସତ୍ୟଜିତ, କନିଷ୍ଠ ପୁତ୍ର ତଥା ପୁରୀଜିଲ୍ଲା ବିଜେଡି ଉପସଭାପତି ବିଶ୍ୱଜିତ ଦାଶ, ପୁତ୍ରବଧୂ ମନସ୍ୱିନୀ, ସୁଶ୍ରୀସ୍ମିତା ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳବାସୀଙ୍କ ମଧ୍ୟରେ ପରିଚିତ ଥିଲେ । ତାଙ୍କ ବିୟୋଗର ଖବର ପ୍ରଚାରିତ ହେବା ପରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରଣାକୃଷ୍ଣ ମଲ୍ଲିକ, ପୂର୍ବତନ ପୁରୀଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୋତିର୍ମୟ ଦଳାଇ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, କଂଗ୍ରେସ ଯୁବନେତା ତଥା ପୁରୀଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଲୁଲୁ ଖୁଣ୍ଟିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଓ ଶୁଭେଚ୍ଛୁ ମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଏକ ଶୋକାକୁଳ ପରିବେଶ ମଧ୍ୟରେ ବିରାଟ ଶୋଭାଯାତ୍ରାରେ ନିଆଯାଇ ବିଶ୍ୱାମିତ୍ର ଆଶ୍ରମ ନିକଟ ପ୍ରାଚୀ ନଦୀ କୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।ଉକ୍ତ



ଶୋଭାଯାତ୍ରାରେ ବିଜେଡି ଯୁବନେତା ଅମିତ ବିକ୍ରମ ଖୁଣ୍ଟିଆ, ଦୀପକ କୁମାର ଶତପଥୀ, ଅଭୟ ଖୁଣ୍ଟିଆ, ପ୍ରକାଶ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ଜ୍ୟେଷ୍ଠପୁତ୍ର ସତ୍ୟଜିତ ଓ କନିଷ୍ଠ ପୁତ୍ର ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଏକ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁ ବ୍ୟକ୍ତି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

# ସାର୍ପାଘାତରେ ଚାଷୀଙ୍କ ମୃତ୍ୟୁ



ବାଲିଆପାଳ,୭/୧୦(ନି.ସୂ):ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତର ଦକ୍ଷିଣ ମହାବଳା ଗ୍ରାମର ସ୍ୱର୍ଗତ ବିଜୟ କୁମାର ଟୁନଙ୍କ ପୁତ୍ର ଦିପକ ଟୁନ (୫୫)ଙ୍କୁ ମଙ୍ଗଳବାର ନିଜ ବାଡ଼ିରେ ସାପ କାମୁଡିଦେଇଥିଲା । ଘର ଲୋକ ଜାଣିପାରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିପକ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଯଥାଶୀଘ୍ର ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।

# ‘ମୌସୁମୀ’ ସାହିତ୍ୟ ପତ୍ରିକା ଉନ୍ମୋଚିତ

କେନ୍ଦ୍ରାପଡ଼ା,୭।୧୦(ନି.ସୂ):କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂଗଠନ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦର ମୁଖପତ୍ର ‘ମୌସୁମୀ’ର ଶାରଦୀୟ ବିଶେଷାଙ୍କ କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୌସୁମୀର ସଭାପତି ପ୍ରଫେସର ନନ୍ଦ କିଶୋର ପରିଡା ସଭାପତିତ୍ୱ କରିଥିଲେ। ଏହି ସଭାରେ ସମ୍ପାଦକ କବି ଡ଼ ଶ୍ରୀଧର ସାମଲ, ବିଶିଷ୍ଟ ସାହିତ୍ୟିକ ଡ଼ ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି, ଡ. ନୀଳମଣି ଲେଙ୍କା ମୁଖ୍ୟବକ୍ତା, ବିଶିଷ୍ଟ ଲେଖିକା ଅନ୍ନପୂର୍ଣ୍ଣା ମହାନ୍ତି ସମ୍ମାନିତ ଅତିଥି, ମୌସୁମୀର ସୌଜନ୍ୟ ସମ୍ପାଦକ କବି ପ୍ରେମାନନ୍ଦ ଖଣ୍ଡୁଆଲ, କବି ବୃନ୍ଦାବନ ଦାସ, ସତୀର୍ଥର ସଭାପତି ଅମର ରାଉତ, କବୟିତ୍ରୀ କବିତା ମୁଦୁଲି, ସ୍ୱର୍ଣ୍ଣ ଷଡ଼ଙ୍ଗୀ, କବି ଅଜୟ ପାତ୍ର, କବି ସତ୍ୟ ନାରାୟଣ ଜେନା, କବି ଗୋଲାପ ରାଉତ, କବି ରଞ୍ଜନ ବାଇ ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତାମାନେ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ପତ୍ରିକା ମୌସୁମୀର ଓଡ଼ିଆ ସାହିତ୍ୟର ବିକାଶ ଓ ପ୍ରସାର ପାଇଁ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। କବି ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ତୃତୀୟ ଦିନରେ କଟକ ନାଟ୍ୟୋତ୍ସବ-୨୦୨୬

## ନାଟ୍ୟମଞ୍ଚରେ ଇତିହାସରୁ ସାମାଜିକ ସଚେତନତାର ବାର୍ତ୍ତା, ବିମୋହିତ ଦର୍ଶକ

କଟକ,୦୭/୧୦(ନି.ସୂ): ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ “କଟକ ନାଟ୍ୟୋତ୍ସବ-୨୦୨୬” ଚୟନ ପର୍ଯ୍ୟାୟ ଆଜି ତୃତୀୟ ଦିନରେ ପହଞ୍ଚିଛି। ନେତାଜୀ ସଂସ୍କୃତି ଭବନଠାରେ ଆଜି ଚାରିଟି ନାଟକ ପରିବେଷିତ ହୋଇଥିଲା। ନାଟ୍ୟ ଶାସ୍ତ୍ରର ଉତ୍ପତ୍ତିଠାରୁ ନେଇ ପରିବେଶ ସଚେତନତା ଓ ସାଂସ୍କୃତିକ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏହି ନାଟକଗୁଡ଼ିକ ଦର୍ଶକଙ୍କୁ ବିମୋହିତ କରିବା ସହ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲା। ତୃତୀୟ ଦିନର ପ୍ରଥମ ପ୍ରଦର୍ଶନରେ ରାଧାନାଥ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସ ଷ୍ଟଡି ଅଫ ଏଜୁକେସନ୍ ପକ୍ଷରୁ “ଜର୍ଜର” ନାଟକ ପରିବେଷିତ ହୋଇଥିଲା। ଏଥିରେ ନାଟ୍ୟକଳାର ଇତିହାସ ଓ ଏହାର କ୍ରମବିକାଶକୁ ଏକ ନିଆରା ଢଙ୍ଗରେ ମଞ୍ଚସ୍ଥ କରାଯାଇଥିଲା। ପରବର୍ତ୍ତୀ ପ୍ରଦର୍ଶନରେ ମୋହନ ସୁବୁଦ୍ଧି କଲେଜ, ବଡମ୍ବା ପକ୍ଷରୁ ପରିବେଶ ସୁରକ୍ଷା ଉପରେ ଆଧାରିତ “ମାନ-କି” ନାଟକ ଉପସ୍ଥାପିତ ହୋଇଥିଲା। ସେହିପରି, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ “ଶିଳ୍ପୀର ହସ୍ତେ” ନାଟକ ମାଧ୍ୟମରେ କଟକର ଐତିହାସିକ ତାରକସି କଳା ଏବଂ ଏହା ସହ ଜଡ଼ିତ ଶିଳ୍ପୀମାନଙ୍କ ନିଷ୍ଠା, ପରିଶ୍ରମ ଓ ଜୀବନ ସଂଘର୍ଷକୁ ସୁନ୍ଦର ଭାବେ ପ୍ରତିଫଳିତ କରାଯାଇଥିଲା। ତୃତୀୟ ଦିନର ଶେଷ ପ୍ରଦର୍ଶନରେ ରେଭେନ୍ସା କଲେଜ ପକ୍ଷରୁ କନ୍ୟାଭ୍ରୂଣ ହତ୍ୟା ଭଳି ଏକ ସମ୍ବେଦନଶୀଳ ସାମାଜିକ ସମସ୍ୟାକୁ ଆଧାର କରି “ଅଦୃଶ୍ୟ ଅପରାଧୀ”ନାଟକ ପରିବେଷିତ ହୋଇଥିଲା। ନାଟକଟି ଦର୍ଶକଙ୍କ ମନରେ କନ୍ୟା ସନ୍ତାନର ସୁରକ୍ଷା, ସମାନତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଗଭୀର ଚିନ୍ତନ ସୃଷ୍ଟି କରିଥିଲା। ଅଭିନୟ, ନିର୍ଦ୍ଦେଶନା, ସଂଳାପ, ମଞ୍ଚସଜ୍ଜା ଓ ସଙ୍ଗୀତର ସୁନ୍ଦର ସମନ୍ୱୟ ନାଟକଗୁଡ଼ିକୁ ଆହୁରି ଆକର୍ଷଣୀୟ କରିଥିଲା। ଆଜିର ଚୟନ ପର୍ଯ୍ୟାୟରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଡେପୁଟି କଲେକ୍ଟର ଶତ୍ରୁପା ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସମେତ ନାଟ୍ୟୋତ୍ସବ କମିଟି ଉପଦେଷ୍ଟା ତଥା ସିନେ ତାରକା ଶ୍ରୀତମ ଦାସ, ନାଟ୍ୟ ପରାମର୍ଶଦାତା ତଥା ବିଚାରକମଣ୍ଡଳୀର ସଦସ୍ୟ ଅନନ୍ତ ଦାଶ, ଦେବୀ ପ୍ରସାଦ ପଟ୍ଟନାୟକ, ବିଶ୍ୱଭୂଷଣ ମହାନ୍ତି, ଉମେଶ ଦାଶ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ସନ୍ଦୀପ ପାଣି, ବେବି ପ୍ରଧାନ ଓ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ସୁଖ ଓ ଦୁଃଖର ମିଶ୍ରଣରେ ହିଁ ଜୀବନ ।
ସୁଖ ଦୁଃଖର ସନ୍ତୁଳନ ହିଁ ମଣିଷକୁ ସୁସ୍ଥ, ସୁନ୍ଦର ଆଉ ଅଭିଜ୍ଞ କରିତୋଳେ ।
ତାହାର ଆନୁପାତିକ ମୂଲ୍ୟାୟନ ସମ୍ଭବ ନୁହେଁ ।
ଆବଶ୍ୟକତା ବି ନୁହେଁ । ଯେତେବେଳେ ଯାହା
ଯେମିତି ଯେଉଁ ଅନୁପାତରେ ଆସୁଛି
ତାହା ଗ୍ରହଣ କରିବା ଉଚିତ୍ ।

# ନୌସେନାର ଶକ୍ତି ବଢାଇବ ବ୍ରହ୍ମୋସ

ଭାରତୀୟ ନୌସେନାକୁ ଆହୁରି ଶକ୍ତିଶାଳୀ କରିବା ଦିଗରେ ବଡ଼ ପଦକ୍ଷେପ ନେଇଛି ପ୍ରତିରକ୍ଷା ମନ୍ତ୍ରଣାଳୟ । ନୌସେନାର ଯୁଦ୍ଧଜାହାଜଗୁଡ଼ିକ ପାଇଁ ବ୍ରହ୍ମୋସ ଫାୟାର କଣ୍ଟ୍ରୋଲ୍ ସିଷ୍ଟମ୍ ଏବଂ ଲଞ୍ଚର କିଣିବା ନେଇ ୬୬୧.୫୦ କୋଟି ଟଙ୍କାର ଚୁକ୍ତି ହୋଇଛି । ଏହି ଚୁକ୍ତି ବାଏ-ଇଣ୍ଡିଆନ-ଆଇଡିଡିଏମ୍ ବର୍ଗ ଅଧୀନରେ ହୋଇଥିବା ବେଳେ ଏଥିରେ ଅତିକମରେ ୬୮ ପ୍ରତିଶତ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରାଯିବ । ଏହା ସହ ଦେଶୀୟ ପ୍ରତିରକ୍ଷା କମ୍ପାନୀ ଏବଂ ଏମଏସଏମଇ କ୍ଷେତ୍ରର ମଧ୍ୟ ଭାଗିଦାରୀ ରହିବ ।

ଭାରତୀୟ ନୌସେନାର ଏକାଧିକ ଫ୍ରଣ୍ଟଲାଇନ୍ ଯୁଦ୍ଧଜାହାଜରେ ପୂର୍ବରୁ ବ୍ରହ୍ମୋସ୍ ମିସାଇଲ୍ ମୁତୟନ ହୋଇଛି । ଏହା ନୌସେନାର ପ୍ରମୁଖ ସର୍ଫେସ୍-ଟୁ-ସର୍ଫେସ୍ ମିସାଇଲ୍ ସିଷ୍ଟମ୍ ମଧ୍ୟରୁ ଅନ୍ୟତମ । ବ୍ରହ୍ମୋସର ବିଶେଷତ୍ୱ ହେଉଛି ଏହାର ସୁପରସୋନିକ୍ ଗତି ଏବଂ ଟାର୍ଗେଟ୍‌କୁ ଅତ୍ୟନ୍ତ ସଠିକ୍ ଭାବେ ଭେଦ କରିବାର କ୍ଷମତା । ଏହି ମିସାଇଲ୍ ପ୍ରାୟ ତିନିଗୁଣ ଶବ୍ଦ ବେଗରେ ଉଡ଼ିପାରେ । ସମୁଦ୍ରରେ ଶତ୍ରୁ ଯୁଦ୍ଧଜାହାଜ ସହିତ ଭୂମିରେ ଥିବା ଗୁରୁତ୍ୱପୂର୍ଣ୍ଣ ଠିକଣାକୁ ମଧ୍ୟ ଏହା ଟାର୍ଗେଟ୍ କରିପାରେ । ଅନ୍ୟପଟେ, ଫାୟାର କଣ୍ଟ୍ରୋଲ୍ ସିଷ୍ଟମ୍ ଯୁଦ୍ଧଜାହାଜର ସେନ୍‌ସର, କମାଣ୍ଡ ସିଷ୍ଟମ୍ ଏବଂ ମିସାଇଲ୍ ଲଞ୍ଚର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାମ କରେ । ଅର୍ଥାତ୍ ଶତ୍ରୁ ଲକ୍ଷ୍ୟ ଚିହ୍ନଟରୁ ଆରମ୍ଭ କରି ମିସାଇଲକୁ ସଠିକ୍ ଦିଗରେ ଲଞ୍ଚ କରିବା ପର୍ଯ୍ୟନ୍ତ ଏହି ସିଷ୍ଟମର ଭୂମିକା ଅତ୍ୟନ୍ତ ବଡ଼ । ହିନ୍ଦ ମହାସାଗର ଅଞ୍ଚଳରେ ପାକିସ୍ତାନର ନୌସେନା କାର୍ଯ୍ୟକଳାପ ବଢ଼ୁଥିବା ବେଳେ ଚୀନଠାରୁ ମିଳିଥିବା ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜ ଜରିଆରେ ପାକିସ୍ତାନ ନିଜର ସାମୁଦ୍ରିକ କ୍ଷମତାକୁ ମଜବୁତ କରୁଛି । ଏଭଳି ପରିସ୍ଥିତିରେ ଭାରତୀୟ ଯୁଦ୍ଧଜାହାଜରେ ନୂଆ ବ୍ରହ୍ମୋସ୍ ଫାୟାର କଣ୍ଟ୍ରୋଲ୍ ସିଷ୍ଟମ୍ ଏବଂ ଲଞ୍ଚର ମୁତୟନ ଭାରତର ସାମୁଦ୍ରିକ ଷ୍ଟ୍ରାଇକ୍ କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ । ବିଶେଷକରି ଆରବ ସାଗରରେ କୌଣସି ସାମୁଦ୍ରିକ ଚ୍ୟାଲେଞ୍ଜର ମୁକାବିଲାରେ ଏହା ଭାରତୀୟ ନୌସେନାକୁ ରଣନୈତିକ ଫାଇଦା ଦେଇପାରେ । ଏହି ଡିଲର ପ୍ରଭାବ କେବଳ ପାକିସ୍ତାନ ପର୍ଯ୍ୟନ୍ତ ସୀମିତ ନୁହେଁ । ହିନ୍ଦ ମହାସାଗରରେ ଚୀନ୍ ନିଜର ନୌସେନା ଉପସ୍ଥିତି ବଢ଼ାଉଥିବା ବେଳେ ଚୀନର ଯୁଦ୍ଧଜାହାଜ ଓ ବୁଡ଼ାଜାହାଜ ମଧ୍ୟ ଏହି ଅଞ୍ଚଳରେ ସକ୍ରିୟ ରହୁଛନ୍ତି । ତେଣୁ ଭାରତ ପାଇଁ ନିଜ ଯୁଦ୍ଧଜାହାଜର ସାମୁଦ୍ରିକ ନିରୀକ୍ଷଣ, ଲକ୍ଷ୍ୟ ଭେଦ କରିବା ଏବଂ ତୁରନ୍ତ ପ୍ରତିକ୍ରିୟା ଦେବାର କ୍ଷମତାକୁ ମଜବୁତ କରିବା ଗୁରୁତ୍ୱପୂର୍ଣ୍ଣ । ବ୍ରହ୍ମୋସ୍ ସିଷ୍ଟମ୍ ଯୁଦ୍ଧଜାହାଜ ଓ ଭାରତର ସାମୁଦ୍ରିକ କ୍ଷମତାକୁ ଆହୁରି ବଢ଼ାଇବ । ଅର୍ଥାତ୍ ଭାରତ ନିଜ ସାମୁଦ୍ରିକ ଅଞ୍ଚଳରେ ଶତ୍ରୁର ଗତିବିଧି ଉପରେ ନଜର ରଖିବା ସହ ଆବଶ୍ୟକ ପଡ଼ିଲେ ଦୂରରୁ ତା'ର ଯୁଦ୍ଧଜାହାଜକୁ ଟାର୍ଗେଟ୍ କରିବାର କ୍ଷମତାକୁ ମଧ୍ୟ ମଜବୁତ କରୁଛି । ଚୀନ୍ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ସାମରିକ ସହଯୋଗକୁ ଦେଖି ଭାରତୀୟ ନୌସେନା ପାଇଁ ସାମୁଦ୍ରିକ ପ୍ରତିରକ୍ଷାକୁ ମଜବୁତ ରଖିବା ଅତ୍ୟନ୍ତ ଜରୁରୀ । ପାକିସ୍ତାନ ନୌସେନା ପାଖରେ ଚୀନଠାରୁ ମିଳିଥିବା ଫ୍ରିଗେଟ୍, ବୁଡ଼ାଜାହାଜ ଏବଂ ଅନ୍ୟାନ୍ୟ ନୌସେନା ପ୍ଲାଟଫର୍ମ ମିଳୁଛି । ଏଭଳି ସମୟରେ ୬୬୧.୫୦ କୋଟି ଟଙ୍କାର ଏହି ଚୁକ୍ତିକୁ କେବଳ ଏକ ଅସ୍ତ୍ର କ୍ରୟ ଭାବେ ଦେଖାଯାଉନାହିଁ । ଏହା ଭାରତୀୟ ନୌସେନାର ସାମୁଦ୍ରିକ ଷ୍ଟ୍ରାଇକ୍ କ୍ଷମତାକୁ ଲଗାତାର ଅପଗ୍ରେଡ୍ କରିଥିବା ରଣନୀତିର ଏକ ଅଂଶ ଅଟେ । ଏହି ପ୍ରକଳ୍ପର ଆଉ ଏକ ବଡ଼ ବିଶେଷତ୍ୱ ହେଉଛି ଏହାର ସ୍ୱଦେଶୀ ଦିଗ । ୬୮ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ହେବା ଫଳରେ ଭାରତୀୟ ପ୍ରତିରକ୍ଷା ଶିଳ୍ପ ଏବଂ ଏମଏସଏମଇ କ୍ଷେତ୍ରକୁ ମଧ୍ୟ ଏହା ଉତ୍ସାହିତ କରିବ ।

# ମଉଳା ଶ୍ରାଦ୍ଧ ବନାମ ପୂର୍ବପୁରୁଷଙ୍କ ସ୍ମରଣେ



ଡକ୍ଟର ଲକ୍ଷ୍ମଣ ସାହୁ

ଚଳିତ ବର୍ଷ ଦିବଂଗତ ପୂର୍ବପୁରୁଷମାନଙ୍କ ସ୍ମରଣେ ପିତୃପକ୍ଷ ଶନିବାର, ସେପଟ୍ମ୍ବେର ୨୬ ତାରିଖରୁ ଆରମ୍ଭ ହୋଇ ଯାଉଛି । ହିନ୍ଦୁ ଧର୍ମରେ ପ୍ରତିବର୍ଷ ରୀତିନୀତି ଅନୁସାରେ ପୂର୍ବପୁରୁଷମାନଙ୍କୁ ସ୍ମରଣ ଓ ସମ୍ମାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଆସିଥାଏ । ପିତୃପକ୍ଷ ଶ୍ରାଦ୍ଧ ପକ୍ଷ ଭାବରେ ମଧ୍ୟ ଜଣାଶୁଣା । ହିନ୍ଦୁ ଧର୍ମରେ ପ୍ରଚଳିତ କ୍ୟାଲେଣ୍ଡର ଅନୁସାରେ ଏହି ବର୍ଷ ପିତୃପକ୍ଷ ସେପଟ୍ମ୍ବେର ୨୬ ତାରିଖ ଶନିବାର ଦିନ ଆରମ୍ଭ ହୋଇଛି । ସେହି ପବିତ୍ର ସମୟ ଭିତରେ ପୂର୍ବପୁରୁଷଙ୍କ ପାଇଁ ଶ୍ରଦ୍ଧା ସହକାରେ ଶ୍ରାଦ୍ଧ, ତର୍ପଣ ଓ ଦାନ କରାଯାଏ ।

ପିତୃପକ୍ଷ ସର୍ବ ପିତୃ ଅମାବାସ୍ୟା ସହିତ ଶେଷ ହୁଏ । ଏହି ସମୟ ମଧ୍ୟରେ ପରିବାରବର୍ଗ ମାନଙ୍କ ମନରେ ଅହେତୁକ ଆନନ୍ଦ ଉଲ୍ଲାସର ଖେଳି ଯାଇଥାଏ । ଗୋଟିଏ ବର୍ଷର ପ୍ରତୀକ୍ଷାର ଅବସାନ ଘଟି ପିତୃଋଣ ପରିଶୋଧ କରିବାର ପରିକଳ୍ପନାକୁ ଯତକିଞ୍ଚିତ ସାର୍ଥକ ହେବାର ସୌଭାଗ୍ୟ ପ୍ରାପ୍ତି ପାଇଁ ପ୍ରତୀକ୍ଷାର ବ୍ୟାକୁଳତା ଅନ୍ତ ଘଟେ । ପରିବାରର ସକଳେ ସ୍ୱର୍ଗତ ପୂର୍ବପୁରୁଷଙ୍କୁ ମନେ ପକାଇଥାନ୍ତି ଓ ସେମାନଙ୍କ ମନର ଶାନ୍ତି ପାଇଁ ଅତ୍ୟାବଶ୍ୟକ ଧାର୍ମିକ କାର୍ଯ୍ୟ କରନ୍ତି । ଘରର ଅଗ୍ରଜ ଅନ୍ୟମାନଙ୍କ ସହିତ ତର୍ପଣ ଏପରିକି ପିଣ୍ଡ ଦାନ କରିଥାନ୍ତି । ହିନ୍ଦୁ ଧର୍ମାନୁସାରେ ପିତୃପକ୍ଷର ପ୍ରଥମ ଦିନ ପୂର୍ଣ୍ଣିମାର ଶ୍ରାଦ୍ଧ ସହିତ ଆରମ୍ଭ ହୁଏ । ଶେଷରେ ଅମାବାସ୍ୟାର ଶ୍ରାଦ୍ଧରେ ମାତୃ ପିତାମହଙ୍କ ଶ୍ରାଦ୍ଧ ମଧ୍ୟ କରାଯାଇଥାଏ । ଆଗରୁ ସୂଚେଇ ଥିବା ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ, ପିତୃପକ୍ଷ ୨୬ ସେପଟ୍ମ୍ବେରରୁ ଆରମ୍ଭ ହୋଇଛି । ଏହା ୧୦ ଅକ୍ଟୋବର ଶନିବାର ଦିନ ସର୍ବ ପିତୃ ଅମାବାସ୍ୟା ସହିତ ଶେଷ ହେବାକୁ ଯାଉଛି । ଏହି ଦିନ ପୂର୍ଣ୍ଣିମା ତିଥିର ଶ୍ରାଦ୍ଧ କରାଯିବା କଥା କୁହାଯାଏ । ଏହା ପରେ ପରେ ବିଭିନ୍ନ ତିଥି ଅନୁସାରେ ଶ୍ରାଦ୍ଧ ରୀତି କରାଯିବା ବିଦ୍ଧି ରହିଛି । ଶ୍ରାଦ୍ଧ ଶାସ୍ତ୍ରାନୁସାରେ ପିତୃପକ୍ଷ ସମୟରେ, ପ୍ରତିପଦରୁ ଅମାବାସ୍ୟା ପର୍ଯ୍ୟନ୍ତ ବିଭିନ୍ନ ଶ୍ରାଦ୍ଧ ତିଥି ପଡ଼ିଥାଏ । ବିଶେଷ କରି ପରିବାରରେ ପୂର୍ବପୁରୁଷଙ୍କ ମୃତ୍ୟୁ ତାରିଖ ଅନୁସାରେ ଶ୍ରାଦ୍ଧ କରିବାର ପରମ୍ପରା ରହିଛି ।

ପିତୃପକ୍ଷ ସମୟରେ ତର୍ପଣ (ନୈବେଦ୍ୟ)କୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ଭକ୍ତମାନେ କଳା ତିଳ, କୁଶ ଘାସ ଇତ୍ୟାଦିକୁ ସ୍ୱଚ୍ଛ ପାଣିରେ ମିଶାଇ ପୂର୍ବପୁରୁଷଙ୍କୁ ମନେ ରଖନ୍ତି । ଏହା ପରେ ପୂର୍ବପୁରୁଷଙ୍କୁ ବିଧିବଦ୍ଧ ଭାବରେ ଜଳ ଅର୍ପଣ କରାଯାଇଥାଏ । ପିତୃପକ୍ଷ ସମୟରେ ରନ୍ଧା ଚାଉଳ, ଯବ ମଇଦା, କଳା ତିଳ, କ୍ଷୀର, ଘିଅ ଓ ମହୁ ମିଶ୍ରଣ କରି ଏକ ମୁଠା ପ୍ରସ୍ତୁତ କରାଯାଏ ଓ ଏହାକୁ ପୂର୍ବପୁରୁଷଙ୍କୁ ଅର୍ପଣ କରାଯାଏ । ବିଶେଷ କରି ଏହି ସମୟରେ ଦୁଃଖୀ ରଙ୍କି ଗରିବ କ୍ଷୁଧାର୍ତ୍ତି ଲୋକଙ୍କୁ ଖାଦ୍ୟ, ବସ୍ତ୍ର ଓ ଆର୍ଥିକ ସହାୟତା କିଛି ଦେବା ଓ ନିଜ କ୍ଷମତା ଅନୁସାରେ ଦାନ କାର୍ଯ୍ୟ କରିବା ଶୁଭ ବୋଲି ବିବେଚନା କରାଯାଏ । ବିଭିନ୍ନ ତିଥିରେ ଓ ବିଶେଷକରି ସର୍ବ ପିତୃ ଅମାବାସ୍ୟାରେ ପୂର୍ବପୁରୁଷଙ୍କ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ଗରିବମାନଙ୍କୁ ଖାଇବାକୁ ଦେବା ଦ୍ୱାରା ପୂର୍ବପୁରୁଷଙ୍କ ଆଶୀର୍ବାଦ ଅକ୍ଷୁର୍ଣ୍ଣ ରହିଥାଏ ବୋଲି ଏକପ୍ରକାର ଗଭୀର ଆତ୍ମ ବିଶ୍ୱାସ ରହିଛି ।



ପୂର୍ବପୁରୁଷଙ୍କ ପାଇଁ ଶ୍ରାଦ୍ଧ ଓ ତର୍ପଣ ପାଇଁ ପ୍ରସ୍ତୁତି ପୁଣି ଥରେ ଘରେ ଆରମ୍ଭ ହେବାକୁ ପଡ଼ିଥାଏ । ହିନ୍ଦୁ ଧର୍ମରେ ଏହି ଦିନଗୁଡ଼ିକୁ ପୂର୍ବପୁରୁଷଙ୍କୁ ସମ୍ମାନ ଦେବାର ସମୟ ଭାବରେ ବିବେଚନା କରାଯାଏ ।

ପରିବାରରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ତାରିଖ ଅନୁସାରେ ଶ୍ରାଦ୍ଧ ଦେବାର ଓ ତାଙ୍କ ଅବର୍ତ୍ତମାନକୁ ମନେପକାଇ ହୃଦୟରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିବାର ଦେଖାଯାଏ । ରାମାୟଣରେ ରାମ ବନବାସ ସମୟରେ ମା' ସୀତା ବନବାସୀ ହୋଇ ଦଶରଥଙ୍କୁ ପିଣ୍ଡ ଦାନ ଓ ତର୍ପଣ ମଧ୍ୟ କରିଥିବା ଦୃଷ୍ଟାନ୍ତ ରହିଛି । ତେଣୁ ଦିବଂଗତ ପୂର୍ବପୁରୁଷମାନଙ୍କୁ ମନେ ପକାଇବା ଓ ସମ୍ମାନ ଦେବା ପାଇଁ ଦିନଗୁଡ଼ିକ ଅବିସ୍ମରଣୀୟ ।

ଏହି ସମୟ ମଧ୍ୟରେ ପୂର୍ବପୁରୁଷଙ୍କ ପାଇଁ ମୁଖ୍ୟ ଶ୍ରାଦ୍ଧ ବିଧି କରାଯାଏ । ପଞ୍ଜାଙ୍ଗରେ କୁଟୁପ ଓ ରୋହିଣ ଭଳି ମୁହୂର୍ତ୍ତଗୁଡ଼ିକ ମଧ୍ୟ ଯାଞ୍ଚ କରାଯାଇଥାଏ । ପ୍ରତ୍ୟେକ ଗ୍ରାମାଞ୍ଚଳରେ ଓ ସହରରେ ଶ୍ରାଦ୍ଧ ସମୟ ଓ ସମାନ ପଦ୍ଧତିରେ ହୋଇ ପାରେ ନାହିଁ । କାରଣ ସୂର୍ଯ୍ୟୋଦୟ ଓ ସ୍ଥାନୀୟ କ୍ୟାଲେଣ୍ଡର ଉପରେ ନିର୍ଭର କରି ଏହା ଭିନ୍ନ ଭିନ୍ନ ଭାବରେ କରାଯାଇଥାଏ । ତେଣୁ ଯେଉଁ ସହରରେ ଶ୍ରାଦ୍ଧ କରାଯାଇଥାଏ , ସେହି ସହରର ଯଜମାନନେ ସ୍ଥାନୀୟ କୁଳପୁରୋହିତ ସହ ପରାମର୍ଶ ନେବା ପରେ ପରେ ଶ୍ରାଦ୍ଧ ଆୟୋଜନ କରନ୍ତି । ପୁରୋହିତ କ୍ୟାଲେଣ୍ଡର ଦେଖି ସମୟ ନିର୍ଘଣ୍ଟ କରିଥାନ୍ତି ।

ପ୍ରଥମେ ତର୍ପଣରେ ପୂର୍ବପୁରୁଷଙ୍କୁ ଜଳ ଅର୍ପଣ କରାଯାଏ । ସେହି ଜଳ ପତ୍ରୀରେ କଳା ତିଳ ଓ କୁଶ ଘାସ ବ୍ୟବହାର କରିବା ପରମ୍ପରାଗତ କେଉଁ ଆବହମାନ କାଳରୁ ରହିଆସିଛି । ପୂର୍ବପୁରୁଷମାନଙ୍କୁ ସେମାନଙ୍କ ନାମ ଓ ବଂଶ ଦ୍ୱାରା ସ୍ମରଣ କରାଯାଏ ଓ ତା'ପରେ ଜଳ ଅର୍ପଣ କରାଯାଏ । ସେଦିନ ଘରେ ମୁରବୀ ଅର୍ଥାତ୍ ଗୃହ କର୍ତ୍ତା ଓ କର୍ତ୍ତୀ ଉଭୟ ଶ୍ରାଦ୍ଧ ନପକାଇବା ପର୍ଯ୍ୟନ୍ତ ଜଳ ସ୍ପର୍ଶ କରନ୍ତି ନାହିଁ ।

ଗୋଟିଏ ମାସ ଧରି ଦିବଂଗତ ମାନଙ୍କ ଆବାହନ ପାଇଁ ଘରକୁ ସଫାକରି ସଜ୍ଜିତ କରିଥାନ୍ତି । ଏପରିକି ଘରେ ବ୍ୟବହୃତ ସମସ୍ତ ଆସବାବପତ୍ର ଓ ପରିଧାନ ପରିଷ୍କାର କରିବା ସହିତ ନୂତନ ବସ୍ତ୍ର ପରିଧାନ କରନ୍ତି । ଶ୍ରାଦ୍ଧ ତର୍ପଣ ସମୟରେ, ମନକୁ ଶାନ୍ତ ରଖାଯାଏ ଓ ପୂର୍ବପୁରୁଷମାନଙ୍କୁ ଶାନ୍ତି ପାଇଁ ପ୍ରାର୍ଥନା କରାଯାଏ । ପାରିବାରିକ ପରମ୍ପରା ଉପରେ ନିର୍ଭର କରି ତର୍ପଣର ପଦ୍ଧତି ସାମାନ୍ୟ ଭିନ୍ନ ହୋଇଥାଏ ।

ପିତୃପକ୍ଷ ସମୟରେ, ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ତିଥିରେ ପୂର୍ବପୁରୁଷଙ୍କ ପାଇଁ ଶ୍ରାଦ୍ଧ କରାଯାଏ । ତେଣୁ, ପରିବାରର ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ତାରିଖରେ ଶ୍ରାଦ୍ଧ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଯଦି ମୃତକଙ୍କ ମୃତ୍ୟୁର ହିନ୍ଦୁ ତାରିଖ ଜଣା ଥାଏ, ତେବେ ପିତୃପକ୍ଷ ସମୟରେ ସେହି ତିଥିରେ ଶ୍ରାଦ୍ଧ କରାଯାଏ ଛ । ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ୟକ୍ତି କୃଷ୍ଣ ପକ୍ଷର ଅଷ୍ଟମୀରେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କର ଶ୍ରାଦ୍ଧ ପିତୃ ପକ୍ଷର ଅଷ୍ଟମୀରେ କରାଯିବ । ଯଦି ମୃତ୍ୟୁର ତାରିଖ ଜଣା ନାହିଁ, ତେବେ ସର୍ବ ପିତୃ ଅମାବାସ୍ୟା ଦିନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏଧ । ସର୍ବ ପିତୃ ଅମାବାସ୍ୟା ଅକ୍ଟୋବର ୧୦ ତାରିଖରେ ହେବ । ଶ୍ରାଦ୍ଧ ପାଇଁ ସଠିକ୍ ସମୟ ଓ ଦିନର ଅପରାହ୍ନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଶ୍ରାଦ୍ଧ ଦିନ ସକାଳେ ସ୍ନାନ କରି , ନୂତନ ଅଥବା ସଫା ପୋଷାକ ପିନ୍ଧି ପୂଜାସ୍ଥଳ ସଫା କରିବା ପରେ ପୂର୍ବପୁରୁଷମାନଙ୍କୁ ସ୍ମରଣ କରି ଏକ ସଂକଳ୍ପ ନିଆଯାଇଥାଏ । ଏହା ପରେ, ପାରିବାରିକ ପରମ୍ପରା ଅନୁସାରେ ପିଣ୍ଡ ଦାନ ଓ ତର୍ପଣ କରାଯାଏ । ଅନେକ ଘରେ, ଏହି ଦିନ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ଓ ଦକ୍ଷିଣା ଦେବାର ପରମ୍ପରା ରହିଛି । ଗାଈ, କାଉ ଏ କୁକୁରମାନଙ୍କୁ ମଧ୍ୟ ଅନେକ ସ୍ଥାନରେ ଶ୍ରାଦ୍ଧ ଖାଦ୍ୟ ଖାଇବାକୁ ଦିଆଯାଏ । ଏହା ପରେ, ପୂର୍ବପୁରୁଷଙ୍କ ଶାନ୍ତି ପାଇଁ ପ୍ରାର୍ଥନା କରାଯାଏ । ଶ୍ରାଦ୍ଧ ରୀତିରେ ପ୍ରଦର୍ଶନ ଅପେକ୍ଷା ଭକ୍ତିକୁ ପ୍ରାଥମିକତା ଦେବା ଉଚିତ୍ ।

ଚଳିତ ବର୍ଷ ଶନିବାର ସର୍ବ ପିତୃ ଅମାବାସ୍ୟା ହେବ, ପିତୃ ପକ୍ଷର ଶେଷ ଦିନ । ଏହି ଦିନ ପୂର୍ବପୁରୁଷଙ୍କ ମୃତ୍ୟୁ ତାରିଖ ମନେ ନଥିବା ପାଇଁ ଶ୍ରାଦ୍ଧ କରିବାର ପରମ୍ପରା ଅଛି । ଅମାବାସ୍ୟା ତିଥିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ସର୍ବ ପିତୃ ଅମାବାସ୍ୟାରେ ମଧ୍ୟ ଶ୍ରାଦ୍ଧ କରାଯାଏ । ଏହି ଦିନ ପିତୃ ପକ୍ଷର ସମସ୍ତ ପ୍ରମୁଖ ରୀତି ସମାପ୍ତ ହୁଏ । ବିଶ୍ଶ୍ୱାସ କରାଯାଏ ଯେ ପିତୃ ପକ୍ଷ ସମୟରେ, ପୂର୍ବପୁରୁଷମାନଙ୍କୁ ଶାନ୍ତି ସନ୍ତୋଷ ମିଳିଥାଏ । ଏଥିପାଇଁ ବ୍ରାହ୍ମଣମାନଙ୍କୁ ତର୍ପଣ, ପିଣ୍ଡ ଦାନ ଓ ଭୋଜନ କରାଇବା ବିଦ୍ଧି ରହିଛି । ବିଶେଷତ୍ୱ ହେଉଛି ଦକ୍ଷିଣ ଦିଗକୁ ମୁହଁ କରି ପୂର୍ବପୁରୁଷଙ୍କୁ କଳା ତିଳ ମିଶ୍ରିତ ଜଳ ଅର୍ପଣ କରିବାକୁ ହୁଏ । ପୁରୋହିତ ଙ୍କ ମନ୍ତ୍ର ଉଚ୍ଚାରଣ ଓ ଶ୍ରାଦ୍ଧ ତର୍ପଣ ପରେ ପରିବାରର ସମସ୍ତେ ପିଣ୍ଡ ନିକଟରେ ପ୍ରଣିପାତ ହୋଇ ଆଶୀର୍ବାଦ ପୁରୋହିତ ଙ୍କ ଠାରୁ ନିଅନ୍ତି । ପରେପରେ ଦାନ: ଗରିବ, ଅଭାବୀ ଏବଂ ବ୍ରାହ୍ମଣମାନଙ୍କୁ ଆପଣଙ୍କ ସାମର୍ଥ୍ୟ ଅନୁସାରେ ଖାଦ୍ୟ, ପୋଷାକ କିମ୍ବା ଅନ୍ୟାନ୍ୟ ଜିନିଷ ଦାନ ସକ୍ଷମ ଅନୁସାରେ କରିବାକୁ ହୁଏ । କାଉ, ଗାଈ ଓ କୁକୁରଙ୍କ ପାଇଁ ଖାଦ୍ୟର ଏକ ଅଂଶ ରଖିବାକୁ ହୁଏ । ପିମ୍ପୁଡ଼ିଙ୍କୁ ଚିନି ଓ ମାଛମାନଙ୍କୁ ଶସ୍ୟ ଖାଇବାକୁ ଦିଆଯାଇଥାଏ ।

ଏହି ଦିନଗୁଡ଼ିକରେ ସମ୍ପୂର୍ଣ୍ଣ ସାତ୍ୱିକ ରହିବାକୁ ହୁଏ । ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପଡ଼ିଥାଏ ଓ ମାଂସ ଓ ମଦ୍ୟପାନରୁ ଦୂରେଇ ରହିବାକୁ ପଡ଼ିଥାଏ । ତିଥି ଅନୁସାରେ ଶ୍ରାଦ୍ଧ କରିବାର ପରମ୍ପରା ଅଛି । ତେଣୁ ଗୋଟିଏ ମାସ ସଂପୂର୍ଣ୍ଣ ସାତ୍ୱିକ ଜୀବନ କାଟିବାକୁ ପଡ଼ିଥାଏ । ପୂର୍ବ ଦିବଂଗତ ପୂର୍ବପୁରୁଷମାନଙ୍କ ଅବଦାନ ପାଇଁ ଋଣ ପରିଶୋଧ କରିବା କଠିନ ବ୍ୟାପାର, କେହି କେବେ କରିପାରିନାହାନ୍ତି । ଆଜିର ସଭ୍ୟ ସମାଜରେ ଦେଖାଦେଇଛି ଏହାର ବିଘଟନ । ଯେତେବେଳେ ପିତା ମାତାଙ୍କୁ ଜରାଶ୍ରମରେ ଛାଡ଼ି ଦେଉଛନ୍ତି, ସେତେବେଳେ ସେମାନେ ପିତୃପୁରୁଷଙ୍କୁ ସ୍ମରଣ କରି ଶ୍ରାଦ୍ଧ ଦେଇ ଖାଲି ପଡିଥିବା ଆସନକୁ ସମ୍ମାନ ଦେଖାଇ ସ୍ମରଣ କରିବେ ତାହା ସମୟ କହିବ , ତଥାପି ବିଶ୍ୱାସ ରହିଛି ହିନ୍ଦୁମାନଙ୍କ ଧର୍ମାଚରଣରେ ପୂର୍ବପୁରୁଷଙ୍କୁ ସ୍ମରଣ କରିବା ଅପରିବର୍ତ୍ତିତ ରହିଛି ଓ ରହିଥିବ...!!!

କଟକ

ମୋ : ୯୦୪୦ ୧୫୧୪ ୭୫

# ବଡ଼ ଠାକୁରଙ୍କ ଗାଦି 'ଝାଟି ଜାଗା'

**ଡକ୍ଟର ତପନ କୁମାର ପାଲ**

ବିଶ୍ୱବିଶ୍ରୁତ ଜଗନ୍ନାଥ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା ମୂର୍ତ୍ତିତତ୍ତ୍ୱ, ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ । ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର । ପୁରୀ ଠାକୁରଙ୍କ ତିନୋଟି ଗାଦି ରହିଛି । ବଡ଼ ଠାକୁରଙ୍କ ଗାଦି ହେଉଛି 'ଝାଟି ଜାଗା' । ଶ୍ରୀଅଙ୍ଗ ଭୂମିରେ ଥାଇ ଶ୍ରୀମୁଖ ବାହାରକୁ ଦୃଶ୍ୟମାନ । ଗୋଲାକୃତି ତଥା ଦେଉଳିଆ ଅବସ୍ଥିତି । ଏହାର ଠିକ ପଛକୁ ରହିଛି ଶ୍ରୀଜଗନ୍ନାଥଙ୍କ ଗାଦି ଭାବେ ପରିଚିତ 'କୁରୁଣ୍ଟି ମଠ' । ଏହି ଦୁଇଟି ମାର୍କଣ୍ଡେଶ୍ୱର ସାହି ଅଧୀନରେ ରହିଥିବା ସ୍ଥଳେ ବାସେଳୀ ସାହିରେ ରହିଛି 'ହାତୀ ଗୁରୁଦେବ ମଠ' ତଥା ଦେବୀ ସୁଭଦ୍ରାଙ୍କ ଗାଦି । ପୁରୀରେ ଏହି ତିନୋଟି ଗାଦି ପୂଜା ପାଇଥାଏ । ଠାକୁରେ ପାତାଳି ହେବା ଅବସରରେ ଏହି ସ୍ଥାନ ମାନଙ୍କରେ ବିଗ୍ରହ ଅବସ୍ଥାନ କରିଥିବା ଜନ ମାନସରେ ବିଶ୍ୱାସ ରହିଛି ।

ଝାଟି ଜାଗା ଅର୍ଥ କାଗଜପତ୍ରରେ ତାହା ହେଉଛି 'ଆର୍ତ୍ତତ୍ରାଣଙ୍କ ଗାଦି' । ଅର୍ଥାତ୍ ଶ୍ରୀବଳଭଦ୍ରଙ୍କ ଆସ୍ଥାନ । ଆବହମାନ ସମୟରୁ ବିଶ୍ୱାସ ରହିଛି ମାଳ ମାଳ ନାଗ ସାପ ଠାକୁରଙ୍କ ଆସ୍ଥାନରେ ବୁଲନ୍ତି । ଗାଦି ବ୍ରହ୍ମ ଚାରିପଟେ ଚଳପ୍ରଚଳ ହୁଅନ୍ତି । ସେହି ଭିତରେ ରୁହନ୍ତି । ଅଧିକ ବୟସ ହେବାରେ ବିଶାଳକାୟ ଶରୀର କ୍ରମଶଃ କ୍ଷୟ ହୋଇ ଅନେକ ସେହି ଭିତରେ ଲୀନ ହୋଇଛନ୍ତି । ଜନଗହଳି ଭିତରେ ବିଷଧର ସର୍ପ ଯିବା ଆସିବା କରୁଥିଲେ ମଧ୍ୟ ସର୍ପ ଦଂଶନରେ କେବେ କାହାରି ଜୀବନ ଯାଇଥିବା କେହି ଶୁଣି ନାହାନ୍ତି । ଏସବୁ ବଡ଼ ଠାକୁରଙ୍କ ମାହାତ୍ମ୍ୟ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଦୃଢ଼ ବିଶ୍ୱାସ । ସେଠାରେ ଆଗେ ଥିଲା ଜଙ୍ଗଲମୟ ପରିବେଶ । ସେତେବେଳେ ଏହି ଅଞ୍ଚଳରେ ବାଘ ବି ବୁଲେ । ନିକଟରେ ନଦୀ ଘାଟ ମଙ୍ଗଳା ନଦୀ । ସବୁଜିମାମୟ ପରିବେଶରେ ଗଢ଼ା ହେଉଥିଲା ସମାଜର ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ । ଯୁବକମାନେ ଏହିଠାକୁ ଆସି ଏସବୁ ଦିଗରେ ନିଜକୁ ପ୍ରସ୍ତୁତ କରୁଥିଲେ । ଆଜି କର୍ପୂର ଉଡିଗଲେ ମଧ୍ୟ ଏହାର ଚାକ୍ଷୁସ ପ୍ରମାଣ ସ୍ୱରୂପ ଆସ୍ଥାନ, ଠାକୁରେ ତଥା ପରମ୍ପରା ବଞ୍ଚିଛି । ହେଲେ ଭୌଗୋଳିକ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି । ତଥାପି ଜାଗା ପରିସରରେ ଛଅଟି ପୋଖରୀ ଆଜି ବି ରହିଛି । ଯାହା କି ଅନ୍ୟ ଜାଗାରେ ପ୍ରାୟତଃ ଦେଖାଯାଏନି ।

'ମାଦଳା ପାଞ୍ଜି'ର ତଥ୍ୟ ତଥା ସ୍ଥାନୀୟ ପୁରୁଖା ପୁରୀ ବାସିନ୍ଦା ମାନଙ୍କ କହିବା ଅନୁଯାୟୀ ହୁଏତ କ୍ଷୁଦ୍ର କୁଟୀରରେ ସ୍ଥାପିତ ଭାଗବତ ଗାଦିରୁ ଏହି ଅନୁଷ୍ଠାନର ଜନ୍ମ । ଅର୍ଥାତ୍ ଠାକୁରଙ୍କ ଏହି ଆସ୍ଥାନ ବହୁ ପ୍ରାଚୀନ । ମହାରାଜା ପ୍ରତାପ ରୁଦ୍ର ଦେବଙ୍କ ସମୟରେ ଭକ୍ତି ଆନ୍ଦୋଳନରୁ ସୂତ୍ରପାତ ହୋଇଥିଲା ଭାଗବତ ଟୁଙ୍ଗି । ସେଠାରେ ଭାଗବତ ମହାପୁରାଣର ପୂଜନ ଓ ପାରାୟଣ ଆରମ୍ଭ ହୋଇଥିଲା । ଉକ୍ତ ଜାଗାରେ ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ବିକାଶ ବ୍ୟବସ୍ଥା ହୋଇଥିଲା । ଜାଗାରେ ଗାଦି ଗୁରୁଦେବ ତଥା ହନୁମାନ ମଧ୍ୟ ପୂଜା ପାଉଛନ୍ତି । ସେ କାଳର କିଛି ପରମ୍ପରା ଆଜି ବି ବଞ୍ଚିଛି । ଶ୍ରୀକୃଷ୍ଣ ଲୀଳାରେ ଯମୁନା ଗାଧୁଆ ଓ ଭାଗବତ ଜନ୍ମ ଏଠାରେ ଧୁମଧାମରେ ପାଳିତ ହୁଏ । ବ୍ୟାୟାମ ଗୃହରେ ଜାଗା ସାଙ୍ଗମାନେ କସରତ କରିବା ସହ ପ୍ରାଚୀନ ଓ କିଛି ଆଧୁନିକ ବ୍ୟାୟାମ ଉପକରଣମାନ ରହିଛି । ଜାଗାର ସମସ୍ୟା ମଧ୍ୟ ଅନେକ ରହିଛି । ଜାଗା ପାଚେରୀ ଅଧାବିଧା ପଡ଼ିଥିବାରେ ଅଧିକ ବର୍ଷା ହେଲେ ନାଳ ପାଣି ଜାଗା ପରିସରରେ ପଶୁଛି । ପିଲାଙ୍କ ଖେଳ ପଡ଼ିଆ, ବୟସ୍କଙ୍କ ଅବସରବିନୋଦନ ପାଇଁ ବ୍ୟବସ୍ଥା ଓ ଆଧୁନିକ ବ୍ୟାୟାମ ଗୃହଟିଏ ଆଦି ଅନେକ ଯୋଜନା ରହିଥିଲେ ମଧ୍ୟ ଅର୍ଥ ବାଧକ ସାଜୁଛି । ସରକାରୀ ପ୍ରୋତ୍ସାହନ ଅଭାବର କିଛି ନିର୍ମାଣ ଅସୁବିଧା ପଡ଼ିଛି । ଜାଗାର ବାର୍ଷିକ ଖର୍ଚ୍ଚ ପରିଚାଳନା ପାଇଁ ସମସ୍ତେ ମିଶି କୁହାବୋଲା କରି ଯାହା କିଛି ଅନୁଦାନ ପାଇଛନ୍ତି ସେଥିରେ କଲ୍ୟାଣ ମଣ୍ଡପ ଓ କିଛି ଦୋକାନ ଘର ଆଦି ତିଆରିଛନ୍ତି । ହେଲେ ଶ୍ରୀକ୍ଷେତ୍ରରେ ଥିବା ପ୍ରାଚୀନ ଐତିହ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର ଆବଶ୍ୟକତା ଅନୁସାରେ ତତ୍ପରତା ଦେଖାଉ ନଥିବା ଅଭିଯୋଗ ହୋଇଛି ।

ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ । ଇତିହାସରୁ ଆଜି ପର୍ଯ୍ୟନ୍ତ ଏହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉପାସନା ପଦ୍ଧତି ସମସ୍ତଙ୍କ ମନରେ ସୃଷ୍ଟି କରି ଆସିଛି ଅଜସ୍ର ବିସ୍ମୟ ଓ ଉନ୍ମାଦନା । ରହସ୍ୟର ପ୍ରସ୍ଥ ପ୍ରସ୍ଥ ଘେରରେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କର ମୂଳ, ଉଦ୍ଭବ, ବିକାଶ ଓ ବିବର୍ତ୍ତନ ପ୍ରତିଟି ଗବେଷକ ଓ ଜିଜ୍ଞାସୁ ମନରେ ସୃଷ୍ଟି କରେ ବୁଢ଼ିଆଣୀ ଜାଲ ପରି ଗୋଲକଧନ୍ଦା । ଏହି ଠାକୁର ମାନଙ୍କର ଆକାର ପ୍ରକାର ଓ ପୂଜାପଦ୍ଧତି, ବିରୋଧାଭାସ ଓ ସମନ୍ୱୟର ଯେତେ ମୀମାଂସା କଲେ ମଧ୍ୟ ତାହା ସ୍ପଷ୍ଟ ହୁଏନାହିଁ । ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର । ସେ ନିର୍ଗୁଣ ହୋଇ ବି ସଗୁଣ । ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ୍ୟ ମହାକାରୁଣ୍ୟ । ତେଣୁ ସେ କରୁଣାସାଗର, କୃପାସିନ୍ଧୁ ।

**ଭୁବନେଶ୍ୱର, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩**

# କ୍ୟାପଟେନଙ୍କ ବୀରତ୍ୱ

**ଶ୍ରୀବତ୍ସ ନାୟକ**

'ବସୁଧୈବ କୁଟୁମ୍ବକମ୍' (ସମଗ୍ର ବିଶ୍ୱ ଏକ ପରିବାର)ଏହି ମହାନ୍ ଦର୍ଶନ କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ଏହା ଭାରତୀୟ ସଂସ୍କୃତି, ଜୀବନଶୈଳୀ ଏବଂ ଆଧ୍ୟାତ୍ମିକତାର ମୂଳ ପିଣ୍ଡ । ମହାଉପନିଷଦରୁ ଗୃହୀତ ଏହି ସନାତନ ଚିନ୍ତାଧାରା ଉପରେ ଭାରତୀୟମାନେ କିଭଳି ବିଶ୍ୱାସ କରନ୍ତି ଏବଂ ଏହାକୁ ନିଜ ଜୀବନରେ କିଭଳି ପ୍ରତିଫଳିତ କରନ୍ତି ତାହାର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କ୍ୟାପଟେନ୍ ସ୍ମିତ୍ ମଚ୍ଛାର । ସମୁଦ୍ର ପୃଷ୍ଠରୁ ହଜାର ହଜାର ଫୁଟ ଉଚ୍ଚତାରେ ଆକାଶମାର୍ଗରେ ଗତି କରୁଥିବା ଏକ ବିମାନରେ ଯେତେବେଳେ ସମସ୍ତ ଯାତ୍ରୀ ନିଜର ଭବିଷ୍ୟତ ଓ ଗନ୍ତବ୍ୟସ୍ଥଳକୁ ନେଇ ନିଶ୍ଚିନ୍ତ ଥାଆନ୍ତି, ସେତେବେଳେ ସେମାନଙ୍କ ଜୀବନର ସୁରକ୍ଷା କେବଳ କୋକପିଟ୍‌ରେ ବସିଥିବା ପାଇଲଟ୍‌ଙ୍କ ହାତରେ ଥାଏ । ନିକଟରେ ଆକାଶମାର୍ଗରେ ଘଟିଯାଇଥିବା ଏକ ଅଭାବନୀୟ ଘଟଣା ଯେଉଁଥିରେ 'ଫ୍ଲାଇଦୁବାଇ' ବିମାନର ଭାରତୀୟ କ୍ୟାପଟେନ୍ ସ୍ମିତ୍ ମଚ୍ଛାର ଆକ୍ରମଣର ଶିକାର ହୋଇ ଗୁରୁତର ଆହାତ ହେବା ପରେ ମଧ୍ୟ ଅତୁଳନୀୟ ଧୈର୍ଯ୍ୟ ଓ ସାହସ ଦେଖାଇ ୧୭୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି ତାହା ଆଜି ସାରା ବିଶ୍ୱ ପାଇଁ ଏକ ବଡ଼ ଚିନ୍ତନର ବିଷୟ ହୋଇପଡ଼ିଛି । ଏହି ଘଟଣା କେବଳ ଏକ ସାହସିକତାର ଗାଥା ନୁହେଁ, ବରଂ ଏହା ସମାଜକୁ କର୍ତ୍ତବ୍ୟ, ନୈତିକତା, ମାନସିକ ସ୍ଥିରତା ଏବଂ ମାନବସେବାର ଏକ ଗଭୀର ଶିକ୍ଷା ପ୍ରଦାନ କରୁଅଛି ।

ନିକଟରେ ଦୁବାଇରୁ ତେଲ୍ ଅଭିଭ୍ ଅଭିମୁଖେ ଉଡ଼ାଣ ଭରୁଥିବା ଫ୍ଲାଇଦୁବାଇ ବିମାନ ଏଫଜେଡ଼୧୦୭୩ କୋକପିଟ୍ ଭିତରେ ହିଁ ଓମାନର ସହ-ପାଇଲଟ୍ ଜଣକ ବିମାନର ମୁଖ୍ୟ ପାଇଲଟ୍ ସ୍ମିତ୍ ମଚ୍ଛାରଙ୍କୁ ଛୁରାମାଡ଼ କରି ବିମାନକୁ ନିୟନ୍ତ୍ରଣ ବାହାରକୁ ନେବାକୁ ଚେଷ୍ଟା କରିଥିଲେ । ବିମାନର ଯାତ୍ରୀ ଏବଂ ବ୍ଲାକ୍ ବକ୍ସ ତଥ୍ୟ ଅନୁଯାୟୀ,ବିମାନଟି ପ୍ରାୟ ଅଢ଼େଇ ଘଣ୍ଟା ଧରି ଆକାଶରେ ସ୍ୱାଭାବିକ ଭାବେ ଉଡୁଥିଲା । ସେହି ସମୟରେ ଓମାନୀ ସହ-ପାଇଲଟ୍ ଜଣକ ବିମାନକୁ କ୍ରାସ୍ (ଦୁର୍ଘଟଣା) କରିବା ଉଦ୍ଦେଶ୍ୟରେ ହଠାତ୍ ଏକ ଛୁରୀ ବାହାର କରି ମୁଖ୍ୟ ପାଇଲଟ୍ କ୍ୟାପଟେନ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିଲେ । ଦୁଇ ପାଇଲଟ୍‌ଙ୍କ ମାରପିଟ୍ ଯୋଗୁଁ ବିମାନର କଣ୍ଟ୍ରୋଲ୍ ଷ୍ଟିଅରିଂ ବିଗିଡ଼ି ଯାଇଥିଲା । ବିମାନଟି ସିଧା ତଳ ଆଡ଼କୁ ମୁହଁ କରି ମାତ୍ର କେଇ ସେକେଣ୍ଡ ମଧ୍ୟରେ ପ୍ରାୟ ୧୭,୦୦୦ ଫୁଟ୍ ତଳକୁ ଖସିପଡ଼ିଥିଲା ଏବଂ ହାଇଜାକ୍ ଆଲର୍ଟ ଜାରି ହୋଇଥିଲା । ଏହା ଏତେ ଦ୍ରୁତ ଥିଲା ଯେ ଯାତ୍ରୀମାନେ ନିଜ ନିଜ ସିଟ୍‌ରୁ ଉପରକୁ ଛିଟିକି ପଡ଼ିଥିଲେ, ବିମାନର ଅକ୍ସିଜେନ ମାସ୍କ ଗୁଡ଼ିକ ଆପେ ଆପେ ତଳକୁ ଖସି ଆସିଥିଲା ଏବଂ ଚାରିଆଡ଼େ କେବଳ ଚିତ୍କାର ଶୁଭୁଥିଲା ।

ରକ୍ତଜୁଡୁବୁଡୁ ଅବସ୍ଥାରେ ଏବଂ ଭୟଙ୍କର ଶାରୀରିକ ଯନ୍ତ୍ରଣା ସତ୍ତ୍ୱେ କ୍ୟାପଟେନ୍ ସ୍ମିତ୍ ଆତ୍ମସମର୍ପଣ କରିନଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ମିତ୍ ଜରୁରୀକାଳୀନ ସ୍ଥିତିକୁ ସମ୍ଭାଳି ନିଜର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସଂଗ୍ରାମ କରି ବିମାନକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖି କୌଶଳକ୍ରମେ କୋକପିଟ୍ ର ଦ୍ୱାର ଖୋଲା କରିଦେବାରୁ ବିମାନରେ ଯାତ୍ରା କରୁଥିବା କିଛି ସାହସୀ ଯାତ୍ରୀ ଭିତରକୁ ପଶିଯାଇଥିଲେ । ଯାନିଭ୍ ହାୟୁନ୍ ନାମକ ଜଣେ ଯାତ୍ରୀ ଆକ୍ରମଣକାରୀ ସହ-ପାଇଲଟ୍‌କୁ ପଛପଟୁ ବେକ ଚିପି ଧରି କାବୁ କରିଥିଲେ ଏବଂ ଅନ୍ୟ ଯାତ୍ରୀ ଓ କ୍ରୁ ମେମ୍ବର ମିଶି ତାକୁ ହେଡ୍‌ଫୋନ୍ ତାର ଏବଂ ପ୍ଲାଷ୍ଟିକ୍ ଜିପ୍-ଟାଇ ସାହାଯ୍ୟରେ ବାନ୍ଧି ପକାଇଥିଲେ । ଆକ୍ରମଣକାରୀକୁ ବାହାରକୁ ଟାଣି ଆଣିବା ପରେ ଯାତ୍ରୀ ଯାନିଭ୍ ହାୟୁନ୍ କକପିଟ୍‌ର ଷ୍ଟିଅରିଂକୁ ଉପରକୁ ଟାଣି ବିମାନକୁ କିଛି ମାତ୍ରାରେ ସିଧା କରିଥିଲେ । ସୌଭାଗ୍ୟବଶତଃ, ସେହି ବିମାନରେ ଫ୍ଲାଇଦୁବାଇର ଅନ୍ୟ ଦୁଇ ଜଣ ପାଇଲଟ୍ ଯାତ୍ରୀ ଭାବେ ବସିଥିଲେ । ସେମାନେ ତୁରନ୍ତ ଦଉଡ଼ି ଆସି କକପିଟ୍ ସମ୍ଭାଳିଥିଲେ ଏବଂ ବିମାନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇ ସାଉଦି ଆରବର ତାବୁକ ଏୟାରପୋର୍ଟରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରାଇଥିଲେ ।

ଏହି ଘଟଣାରେ ବିମାନଟି ସାଉଦି ଆରବରେ ଜରୁରୀକାଳୀନ ଅବତରଣ କରିଥିଲା ଏବଂ ସମସ୍ତ ଯାତ୍ରୀଙ୍କ ଜୀବନ ରକ୍ଷା ପାଇପାରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଶ୍ୱର ବହୁ ନେତା ଏହି ଭାରତୀୟ ପାଇଲଟଙ୍କ ଅତୁଲ୍ୟ ସାହସକୁ ଭୂୟସୀ ପ୍ରଶଂସା କରିଛନ୍ତି । ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତି ଲାଗିରହିଥିବା ବେଳେ ବିମାନର ସମସ୍ତ ଯାତ୍ରୀ ଇସ୍ରାଏଲ ନାଗରିକ ହୋଇଥିବାରୁ ଘଟଣାର ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଥିଲା ।

ଏହିପରି ଭାବେ କ୍ୟାପଟେନଙ୍କ ସାହସ ଏବଂ ଯାତ୍ରୀମାନଙ୍କ ଠିକ୍ ସମୟର ପଦକ୍ଷେପ ଯୋଗୁଁ ୧୭୪ ଜଣ ଯାତ୍ରୀଙ୍କ ଜୀବନ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିଲା । ଆକ୍ରମଣକାରୀ ପାଇଲଟ୍‌କୁ ସାଉଦି ଆରବ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆକ୍ରମଣ କରିଥିବା ଓମାନୀ ସହ-ପାଇଲଟ୍‌କୁ ବିମାନବନ୍ଦରରେ ହିଁ ଗିରଫ କରିଥିଲେ । ବର୍ତ୍ତମାନ ସାଉଦି ସୁରକ୍ଷା ଏଜେନ୍ସି ତାକୁ ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚରା କରୁଛନ୍ତି । ଏହା ଏକ ଆନ୍ତର୍ଜାତୀୟ ମାମଲା ହୋଇଥିବାରୁ ସାଉଦି ଆରବ ପ୍ରଶାସନ ଏହି ଘଟଣାର ପ୍ରକୃତ କାରଣ ଓ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତି ଜାଣିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ଆମେରିକା ଏବଂ ଓମାନର ଗୋଇନ୍ଦା ସଂସ୍ଥା ସହ ମିଶି ମିଳିତ ଭାବେ ତଦନ୍ତ କରୁଛି । ଗୁରୁତର ଆହତ ଭାରତୀୟ କ୍ୟାପଟେନ ସ୍ମିତ ମଚ୍ଛାରଙ୍କୁ ସାଉଦି ଆରବର ତାବୁକ ସହରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଇଥିଲା ଏହାସହ ଅନ୍ୟ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଟର୍ମିନାଲରେ ରଖିବା ସହ ପରବର୍ତ୍ତୀ ବିମାନ ଯୋଗେ ଇସ୍ରାଏଲ ପଠାଇବାରେ ସାଉଦି ସାହାଯ୍ୟ କରିଥିଲା ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହି ଘଟଣାକୁ ନେଇ ଏକ ଭିଡିଓ ବାର୍ତ୍ତା ଜାରି କରିଥିଲେ । ସେ କହିଥିଲେ ଯେ ଆହତ ହେବା ସତ୍ତ୍ୱେ କ୍ୟାପଟେନ ସ୍ମିତ ମଚ୍ଛାର ଯେଉଁ ସାହସିକତା ଦେଖାଇଲେ, ତାହା ଯୋଗୁଁ ଆମେରିକାର ୯/୧୧ ଭଳି ଏକ ବଡ଼ ଆକାଶମାର୍ଗୀୟ ଆତଙ୍କବାଦୀ ଦୁର୍ଘଟଣା ଟଳିଯାଇଛି । ସେ ତାଙ୍କୁ ଜଣେ 'ପ୍ରକୃତ ହିରୋ' ବୋଲି ପ୍ରଶଂସା କରିଥିଲେ । ଯାତ୍ରୀମାନେ ତେଲ୍ ଅଭିଭ୍ ?ର ବେନ୍ ଗୁରିଅନ୍ ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ନିଜେ ସେମାନଙ୍କୁ ସ୍ୱାଗତ କରିବାକୁ ଯାଇଥିଲେ । କକପିଟ୍ ଭିତରେ ଆକ୍ରମଣକାରୀକୁ କାବୁ କରିଥିବା ସାହସୀ ଯାତ୍ରୀ ଯାନିଭ୍ ହାୟୁନ୍‌ଙ୍କୁ ଭେଟି ସେ କହିଥିଲେ, 'ତୁମେ ହିଁ ପ୍ରକୃତ ବୀର, ତୁମେ ଜଣେ ସିଂହ ଭଳି କାମ କରିଛ' । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ୍ ଏହାକୁ ଏକ 'ଜିହାଦୀ ଆତଙ୍କବାଦୀ ଆକ୍ରମଣ'ର ପ୍ରୟାସ ବୋଲି କହିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ଓମାନୀ ପାଇଲଟ୍ ଜଣକ ବିମାନକୁ ଇସ୍ରାଏଲ ସୀମା ଭିତରେ କ୍ରାସ୍ କରି ସମସ୍ତ ଯାତ୍ରୀଙ୍କୁ ମାରିବାକୁ ଯୋଜନା କରିଥିଲା । ତେବେ ଏହି ଘଟଣାରେ ଅନ୍ୟ କୌଣସି ଦେଶ ବା ସଂଗଠନର ହାତ ଅଛି କି ନାହିଁ, ସେ ନେଇ ଅଧିକ ତଦନ୍ତ ଚାଲିଛି ।



ଏହି ଘଟଣାଟି ସମାଜକୁ ଅନେକ କିଛି ଶିକ୍ଷା ଦେଉଅଛି । ଜୀବନର ସବୁଠାରୁ କଠିନ ମୁହୂର୍ତ୍ତରେ ମଧ୍ୟ ନିଜର ଦାୟିତ୍ୱକୁ ନଭୁଲିବା ହିଁ ପ୍ରକୃତ ମାନବିକତା କ୍ଷ କେଉଁଠି ସାଧାରଣ କଥାରେ ଜଣେ ବ୍ୟକ୍ତି ଶତାଧିକ ବ୍ୟକ୍ତିଙ୍କର ଜୀବନ ନେଇପାରେ କିନ୍ତୁ ଅନ୍ୟ କେଉଁଠି ଜଣେ ବ୍ୟକ୍ତି ନିସ୍ୱାର୍ଥପର ଭାବେ ଶତାଧିକ ବ୍ୟକ୍ତିଙ୍କର ଜୀବନ ରକ୍ଷା କରିପାରେ । ଗୁରୁତର ଭାବେ ଆହାତ ହୋଇଥିବା ପାଇଲଟ୍ ପ୍ରଥମେ ନିଜ ଜୀବନ କଥା ନଭାବି, ନିଜ ଉପରେ ବିଶ୍ୱାସ ରଖିଥିବା ଶହ ଶହ ଯାତ୍ରୀଙ୍କ ସୁରକ୍ଷାକୁ ଆଗରେ ରଖିଥିଲେ । ଆଜିର ସ୍ୱାର୍ଥପର ଦୁନିଆରେ, ଯେଉଁଠି ବ୍ୟକ୍ତି ଗୋଟିଏ ଛୋଟ ବିପଦ ଦେଖିଲେ ନିଜର ସାମାଜିକ ଓ ବ୍ୟକ୍ତିଗତ କର୍ତ୍ତବ୍ୟରୁ ଓହରିଯାଏ, ସେଠାରେ ଏହି ସାହସିକତା ପ୍ରତ୍ୟେକ ବୃତ୍ତିଧାରୀଙ୍କ ପାଇଁ ଏକ ଜ୍ୱଳନ୍ତ ଉଦାହରଣ । ଜୀବନରେ ଆପଦକାଳୀନ ସ୍ଥିତି କେବେବି ଆସିପାରେ । ଏପରି ସ୍ଥିତିରେ ଭୟଭୀତ ହୋଇଗଲେ ବିନାଶ ସୁନିଶ୍ଚିତ । କିନ୍ତୁ ଅତ୍ୟନ୍ତ ପ୍ରତିକୂଳ ସ୍ଥିତିରେ ମଧ୍ୟ ମୁଣ୍ଡ ଥଣ୍ଡା ରଖି ନିଷ୍ପତ୍ତି ନେବା ଦ୍ୱାରା ବଡ଼ ବଡ଼ ବିପତ୍ତିକୁ ଏଡ଼ାଯାଇପାରେ । ଆକାଶମାର୍ଗର ସେହି ଦୁଇ ମିନିଟର ଆତଙ୍କ ଭିତରେ ଯଦି ଭାରତୀୟ ପାଇଲଟ୍ ସାହସ ହରାଇଥାନ୍ତେ, ତେବେ ଫଳାଫଳ ଅତି ଭୟଙ୍କର ହୋଇଥାନ୍ତା ।ଏହି ଜରୁରୀକାଳୀନ ସ୍ଥିତିରେ ଯେପରି ଭାବେ ଅନ୍ୟ ଯାତ୍ରୀ ଏବଂ ଜରୁରୀ ସେବା ପ୍ରଦାନକାରୀ ଦଳ ଏକଜୁଟ ହୋଇ ପାଇଲଟଙ୍କୁ ସାହାଯ୍ୟ କଲେ ଏବଂ ସାଉଦି ଆରବ ବିମାନକୁ ସୁରକ୍ଷିତ ଅବତରଣ କରାଇଲା, ତାହା ଏଠି ପ୍ରମାଣ କରୁଛି ଯେ ସଙ୍କଟ ସମୟରେ ବିଶ୍ୱବାସୀ ଜାତି, ଧର୍ମ, ଓ ଦେଶର ସୀମା ଭୁଲି ଏକ ହୋଇପାରନ୍ତି । ଜଣେ ସାଧାରଣ ମଣିଷ ଭିତରେ ଯେତେବେଳେ ନୈତିକ ବଳ ଏବଂ ସତ୍ୟର ଶକ୍ତି ଥାଏ, ସେତେବେଳେ ସେ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧାରଣ କରିଥିବା ଅପରାଧୀ ସାମ୍ନାରେ ମଧ୍ୟ ହାର ମାନେନାହିଁ । ଏହା ପ୍ରମାଣିତ କରେ ଯେ ଶାରୀରିକ ବଳ ଅପେକ୍ଷା ମାନସିକ ବଳ ଓ ନୈତିକ ସାହସ ସଦାସର୍ବଦା ଶ୍ରେଷ୍ଠ ।

ଏହି ଅଭାବନୀୟ ଘଟଣା ସମାଜ ପାଇଁ ଏକ ଚେତାବନୀ । ଜଣେ ସହ-ପାଇଲଟ୍ ଏପରି ଉଗ୍ର ଓ ହିଂସାତ୍ମକ ପଦକ୍ଷେପ ନେବା ପଛରେ କେଉଁ କାରଣ ରହିଛି, ତାହା ଉଚ୍ଚସ୍ତରୀୟ ତଦନ୍ତର ବିଷୟ । ଆଜିର ଅତ୍ୟାଧୁନିକ ଓ ଚାପଗ୍ରସ୍ତ ଜୀବନଶୈଳୀରେ କର୍ମସଂସ୍ଥାନମାନଙ୍କରେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ଯାଞ୍ଚ କରିବା ଏବଂ ସେମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଯୁବପିଢ଼ି ପାଇଁକ୍ରୋଧ, ଆବେଗ ଓ ହିଂସା ପରିବର୍ତ୍ତେ ଆତ୍ମସଂଯମ, ସାହସ ଓ ଦାୟିତ୍ୱବୋଧକୁ କିଭଳି ଆପଣାଇବବେ ତାହା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ୍ କର୍ପୋରେଟ୍ ସଂସ୍ଥା ପାଇଁ ସରକାର କର୍ମଚାରୀଙ୍କ କେବଳ ବୈଷୟିକ ଦକ୍ଷତା ନୁହେଁ, ବରଂ ମାନସିକ ସ୍ଥିରତା ଓ ନୈତିକତାର ନିୟମିତ ଆକଳନ କରିବା ଉଚିତ୍ ।

ସିନେମା ପରଦାରେ ଅଭିନୟ କରୁଥିବା ନାୟକମାନଙ୍କ ଅପେକ୍ଷା କ୍ୟାପଟେନ୍ ସ୍ମିତ୍ ? ?ଙ୍କ ପରି ବ୍ୟକ୍ତିମାନେ ହିଁ ବାସ୍ତବ ଜୀବନର ସୁପରହିରୋ । ରକ୍ତାକ୍ତ ଅବସ୍ଥାରେ ମଧ୍ୟ ନିଜ କର୍ତ୍ତବ୍ୟରୁ ନ ହଟି ଶହ ଶହ ପରିବାରର ହସ ବଜାୟ ରଖିବା ଏକ ସାଧାରଣ କଥା ନୁହେଁ । ଆଜିର ବାସ୍ତବ ଦୁନିଆରେ ଯେଉଁଠି ଛୋଟ ଛୋଟ କାରଣରୁ ଲୋକେ ଆତ୍ମସଂଯମ ହରାଉଛନ୍ତି, ସେଠାରେ ଏହି ଭାରତୀୟ ପାଇଲଟଙ୍କ ବୀରତା ଓ କର୍ତ୍ତବ୍ୟପରାୟଣତା ସମଗ୍ର ଭାରତବର୍ଷ ପାଇଁ ଗୌରବ ଆଣିଦେଇଛି । ଏହି ପ୍ରସଙ୍ଗରୁ ଶିକ୍ଷା ନେଇ ଆମେ ସମସ୍ତେ ନିଜ ନିଜ କ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ, ଧୈର୍ଯ୍ୟବାନ୍ ଏବଂ ସଙ୍କଟ ସମୟରେ ଅନ୍ୟର ସାହାଯ୍ୟ କରିବାକୁ ଆଗେଇ ଆସିବା ହିଁ ଏହି ବୀର ଯୋଦ୍ଧାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ**

**ମୋ:୯୪୩୮୦୭୦୮୪୯**

## ଭୂମିହୀନ ଦଳିତ-ଆଦିବାସୀଙ୍କୁ ଘରଡିହ ପଟ୍ଟା ଦାବି

# ଜିଲାପାଳଙ୍କୁ ଦାବିପତ୍ର ଦେଲା ରାଷ୍ଟ୍ରୀୟ ଦଳିତ ମହାସଂଘ

**ଖୋରଧା, ୭।୧୦(ନି.ସୂ) :** ଖୋରଧା ଜିଲାରେ ଦୀର୍ଘବର୍ଷ ଧରି ଜମି ଓ ଘରଡ଼ିହ ପଟ୍ଟାରୁ ବଞ୍ଚିତ ହୋଇ ରହିଥିବା ଭୂମିହୀନ ଦଳିତ ଓ ଆଦିବାସୀ ପରିବାରଙ୍କୁ ନିୟମାନୁଯାୟୀ ଜମି ପଟ୍ଟା ଓ ଘରଡ଼ିହ ପ୍ରଦାନ କରିବାକୁ ଦାବି ହୋଇଛି। ଏନେଇ ରାଷ୍ଟ୍ରୀୟ ଦଳିତ ମହାସଂଘ ପକ୍ଷରୁ ଖୋରଧା ଜିଲାପକ୍ଷଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଦଳିତ, ପଛୁଆବର୍ଗ, ସଂଖ୍ୟାଲଘୁ ଓ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ଖୋରଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଜିଲାର ବିଭିନ୍ନ ଅଞ୍ଚଳରେ ବହୁ ଗରିବ ଓ ଭୂମିହୀନ ଦଳିତ ଏବଂ ଆଦିବାସୀ ପରିବାର ବର୍ଷ ବର୍ଷ ଧରି ଘରଡ଼ିହ ଓ ଜମି ଅଧିକାର ପାଇଁ ଅପେକ୍ଷା କରିଛନ୍ତି। କେତେକ ପରିବାର ପିଢ଼ି ପିଢ଼ି ଧରି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବସବାସ କରୁଥିଲେ ମଧ୍ୟ



ସେମାନଙ୍କ ନାମରେ ଜମିର ଆଇନଗତ ଅଧିକାର ନଥିବାରୁ ବିଭିନ୍ନ ସରକାରୀ ସୁବିଧା ପାଇବାରେ ସମସ୍ୟା ହେଉଛି।

ମହାସଂଘର ଅଭିଯୋଗ ଅନୁଯାୟୀ, ଭୂମିହୀନ ଦଳିତ ଓ ଆଦିବାସୀଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ ପାଇଁ ଗତ ପ୍ରାୟ ୧୦ ବର୍ଷ ଧରି ସଂଗଠନ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଆସୁଛି। ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ସମେତ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି।

ଦୀର୍ଘ ସମୟ ଧରି ଦାବି ହୋଇଆସୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବାରୁ ମହାସଂଘ ଅସନ୍ତୋଷ ପ୍ରକାଶ କରିଛି। ଜମିର ଆଇନଗତ ଅଧିକାର ନଥିବାରୁ ଅନେକ ପରିବାର ସରକାରୀ ଆବାସ, ସାମାଜିକ ସୁରକ୍ଷା, ଜୀବିକା ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନାର ସୁବିଧା ପାଇବାରେ ଅସୁବିଧା ଭୋଗୁଥିବା ମହାସଂଘ ଅଭିଯୋଗ ପକ୍ଷରୁ ଦାବି କରାଯାଇଛି ଯେ, ଜିଲକ୍ଷର ବିଭିନ୍ନ ଅଞ୍ଚଳରେ ଥିବା ଭୂମିହୀନ ଦଳିତ ଓ ଆଦିବାସୀ ପରିବାରଙ୍କ ଏକ ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରାଯାଉ। ସମ୍ପୃକ୍ତ ତହସିଲଦାରଙ୍କ ମାଧ୍ୟମରେ ଜମିର ସ୍ଥିତି ଓ ରାଜସ୍ୱ ରେକର୍ଡ ଯାଞ୍ଚ କରି ଯୋଗ୍ୟ ହିତାଧିକାରୀଙ୍କୁ ନିୟମାନୁଯାୟୀ ଘରଡ଼ିହ ଓ ଜମି ପଟ୍ଟା ପ୍ରଦାନ କରାଯାଉ।

# ଶିଶୁ ପ୍ରତିଭାର ବିକାଶ ପାଇଁ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ

**ଫୁଲନଖରା, ୭।୧୦(ନି.ସୂ) :** କଟକ ସଦର ଥାନା ଅନ୍ତର୍ଗତ ବାଙ୍କେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନା କେନ୍ଦ୍ର ସ୍ତରୀୟ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକାୟିତ ଥିବା ପ୍ରତିଭା, ସୃଜନଶୀଳତା ଓ କଳାତ୍ମକ ଦକ୍ଷତାକୁ ଚିହ୍ନଟ କରି ତାହାର ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।

ଆଞ୍ଚଳିକ ସାଧନା କେନ୍ଦ୍ରର ସିଆରସିସି ପ୍ରଦୀପ୍ତ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଆଳି ବିଧାୟକଙ୍କ ପ୍ରତିନିଧି ତଥା ବରିଷ୍ଠ ସଂଗଠକ ଧୀରେନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ଶହୀଦ ସ୍ମୃତି ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ରାୟ,



ସସ୍ମିତା ଦାସ, ପ୍ରିୟଙ୍କା ରାଉତରାୟ, ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ବେହେରାଙ୍କ ସମେତ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଶିକ୍ଷାନୁରାଗୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରତ୍ୟେକ ଶିଶୁ ମଧ୍ୟରେ କିଛି ନା କିଛି ବିଶେଷ ପ୍ରତିଭା ଲୁକାୟିତ ରହିଥାଏ। ଉପଯୁକ୍ତ ପରିବେଶ, ପ୍ରୋତ୍ସାହନ ଓ ସୁଯୋଗ ମିଳିଲେ ସେହି ପ୍ରତିଭା ଆଗକୁ ଆସିପାରିବ। 'ସୁରଭି' ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହିତ ଆତ୍ମବିଶ୍ୱାସ ବୃଦ୍ଧିର ଏକ ସୁନ୍ଦର ମଞ୍ଚ ପ୍ରଦାନ କରୁଛି। ଏହା ଶିଶୁମାନଙ୍କ ଶିକ୍ଷାଗତ ବିକାଶ ସହିତ ସେମାନଙ୍କର ସୃଜନଶୀଳ ଓ କଳାତ୍ମକ ଦକ୍ଷତାର ବିକାଶରେ ମଧ୍ୟ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।'ସୁରଭି-୨୦୨୬' ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ନିଜ ନିଜର ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ। ଶିଶୁମାନଙ୍କ ଉତ୍ସାହ, ସୃଜନଶୀଳତା ଓ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଅଧିକ ଜୀବନ୍ତ କରିଥିଲା। ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ପ୍ରତିଭା ବିକାଶରେ ସହଯୋଗ କରିଥିଲେ।କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ପରିଚାଳନାରେ ଉପସ୍ଥିତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷକମାନଙ୍କ ସମନ୍ୱୟ, ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ଅଭିଭାବକଙ୍କ ସହଯୋଗ ଯୋଗୁଁ ଆଞ୍ଚଳିକ ସାଧନା କେନ୍ଦ୍ର ସ୍ତରୀୟ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା।

# ଜିଲ୍ଲା ସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ ଅନୁଷ୍ଠିତ

**କେନ୍ଦ୍ରାପଡା, ୭।୧୦(ନି.ସୂ) :** ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ପିଏମଶ୍ରୀ ଇଛାପୁର ହାଇସ୍କୁଲ ପରିସରରେ ଜିଲ୍ଲା ସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସଙ୍କଳ୍ପ ଓ ସିଦ୍ଧି ଯୋଗୁଁ ବିଦ୍ୟାଳୟ ର କୁନି କୁନି ପିଲାମାନେ ଆଗକୁ ବଢିବା ପାଇଁ ଏହି ପ୍ରତିଯୋଗିତା ଏକ ସୁଯୋଗ ବୋଲି କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସେବା ସଙ୍କଳ୍ପ ଅଭିଯାନ ବିକଶିତ ଭାରତର ପିଲାମାନଙ୍କ ପାଇଁ ଏକ ସୁନ୍ଦର ପଦକ୍ଷେପ। ଯାହା ଆମକୁ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇଦେବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ



ଜନ୍ମଦିନ ସେପ୍ଟେମ୍ବର ୧୭ତାରିଖରୁ ଅକ୍ଟୋବର ୧୭ତାରିଖ ପର୍ଯ୍ୟନ୍ତ ଏହା ପାଳନ କରାଯାଉଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇ ଦେଶ ସେବା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଅଭିମନ୍ୟୁ ଗୋଛାୟତ ଓ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ ତାଙ୍କ ଅଭିଭାଷଣରେ ପରିଶ୍ରମ,ଶୃଙ୍ଖଳା, ତ୍ୟାଗ ଓ ରାଷ୍ଟ୍ରପ୍ରତି ସମର୍ପିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ପଦ ହେଉଛି ଦାୟିତ୍ୱ ସମ୍ମାନ ନୁହେଁ। ସେବା ହେଉଛି ସୌଭାଗ୍ୟ। ତେଣୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରି ଆଗାମୀ ଭବିଷ୍ୟତମାନଙ୍କୁ ଗଢନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଇଛାପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣୀ ଦାଶ ବିଦ୍ୟାଳୟର କେତେକ ସମସ୍ୟା ପ୍ରତି ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅନନ୍ତ କୁମାର ପରିଡା ଅତିଥି ପରିଚୟ, ନିଳାଦ୍ରୀ ପାଇଟାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନନ୍ତାର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁ ଛାତ୍ରଛାତ୍ରୀମାନଙ୍କ ସହ ସ୍ୱାଗତ ସଂଗୀତ ଗାନ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ କୁମାର ପରିଡା, ଶିକ୍ଷକ ଭାଗିରଥି ମହାନ୍ତି, ଶିବନାରାୟଣ ମହାନ୍ତି, ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟାସ୍କ ଫୋର୍ସ କମିଟି ବୈଠକ

# ଆଗ୍ରିଷ୍ଟାକ୍ ତଥ୍ୟ ସଂଗ୍ରହ ଓ କୃଷକ ପଞ୍ଜୀକରଣ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ନୂଆପଡା, ୭।୧୦(ନି.ସୂ) :** ନୂଆପଡ଼ା ଜିଲ୍ଲାରେ ଆଗ୍ରିଷ୍ଟାକ୍ ତଥ୍ୟର ସମ୍ପୂର୍ଣ୍ଣତା ହାସଲ କରିବା ସହ କୃଷକ ପଞ୍ଜୀକରଣକୁ ଅଧିକ ବ୍ୟାପକ ଓ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଆଗ୍ରିଷ୍ଟାକ୍ ଅଧୀନରେ କୃଷକ ପଞ୍ଜିକରଣ ଓ (ଡିସିଏସ୍) କୁ ସମ୍ପୂର୍ଣ୍ଣ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଅଧିକରୁ ଅଧିକ ଯୋଗ୍ୟ କୃଷକଙ୍କୁ ଏହି ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରିବା ପାଇଁ କ୍ଷେତ୍ରସ୍ତରରେ ସମନ୍ୱିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଗ୍ରାମସ୍ତରରେ କାର୍ଯ୍ୟରତ କୃଷି ମିତ୍ରମାନଙ୍କୁ ସକ୍ରିୟ ଭାବେ ନିୟୋଜିତ କରି କୃଷକ ପଞ୍ଜୀକରଣର ପରିସର ବୃଦ୍ଧି କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ତଥ୍ୟ ସଂଗ୍ରହ ଓ ପଞ୍ଜୀକରଣ ପ୍ରକ୍ରିୟାକୁ ଗତିଶୀଳ କରିବା, କ୍ଷେତ୍ରସ୍ତରରେ ସଚେତନତା ବୃଦ୍ଧି କରିବା ଏବଂ ଆଗ୍ରିଷ୍ଟାକ୍ ଆଧାରିତ କୃଷିସେବାର ସୁଫଳ ଯୋଗ୍ୟ କୃଷକଙ୍କ ନିକଟରେ ପହଞ୍ଚାଇବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଡିଏଫ୍‌ଓ (ପ୍ରାନ୍ତୀୟ) ଅଜିଜ୍ ଖାନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଣତିରାଣୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇଥିଲେ।

# ବହୁଚର୍ଚ୍ଚିତ ଅନଲାଇନ ଠକେଇ ଘଟଣାରେ ଅଭିଯୁକ୍ତଙ୍କୁ ତିନି ବର୍ଷ ସଶ୍ରମ କାରାଦଣ୍ଡ

**ନବରଙ୍ଗପୁର,୭।୧୦(ନି.ସୂ) :** ନବରଙ୍ଗପୁର ଉପଖଣ୍ଡିୟ ବିଚାର ବିଭାଗୀୟ ବିଚାରପତି ଶ୍ରୀ ସୌମ୍ୟ ଶଙ୍କର ମହାନ୍ତ ଏକ ଅନ ଲାଇନ ଠକେଇ ଘଟଣାର ବିଚାରଣା କରି ଅଭିଯୁକ୍ତ ଅଜୟ କୁମାର ପାଉଲକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୧୦,୦୦୦/-ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହ ଜୋରିମାନା ଅନାଦେୟ ୩ ମାସ ର ଅତିରିକ୍ତ କାରାଦଣ୍ଡ ରେ ଦଣ୍ଡିତ କରିବାକୁ ରାୟ ଦେଇଛନ୍ତି ।

ସୂଚନା ଅନୁଯାୟୀ,ଗତ ୦୭/୧୧/୨୦୨୫ ତାରିଖ ଦିନ ତେନ୍ତୁଳୀଖୁଣ୍ଟି ଗ୍ରାମର ଭି. ପ୍ରଶାନ୍ତ କୁମାର କଟକ ସ୍ଥିତ ଆରକ୍ଷୀ ଅଧିକ୍ଷକ ଉଓଉ, କ୍ରାଇମ ବ୍ରାଞ୍ଚ ଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପ୍ରକାରେ କେସ ନମ୍ବର ୩୮/୨୫ ନମ୍ବର ପ୍ରକାରେ ଉକ୍ତ ଘଟଣାଟି ରେଜିଷ୍ଟର ହୋଇଥିଲା। ସେ କରିଥିବା ଅଭିଯୋଗ ପ୍ରକାରେ,ଗତବର୍ଷ ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା ଓ ଜଣେ ବ୍ୟକ୍ତି ସେୟାର ମାର୍କେଟରେ ଅର୍ଥ ବିନିଯୋଗ କରିବା ପାଇଁ ପ୍ରଲୋଭନ ଦେଖାଇଥିଲା । ସେହି ଅଜଣା ବ୍ୟକ୍ତି ଅଭିଯୋଗକାରୀଙ୍କୁ ସେୟାର ମାର୍କେଟର କଳା କୌଶଳ ଶିଖିବା ପାଇଁ ଅନ୍ୟ ଏକ ବ୍ୟକ୍ତି ସହ ଯୋଗାଯୋଗ କରିବା ପାଇଁ କହିଥିଲେ ।

ଉକ୍ତ ବ୍ୟକ୍ତି ଜଣକ ଅଭିଯୋଗକାରୀଙ୍କୁ ଡିଜିଟାଲ ଡ଼ାଇନାମୋଶ ନାମକ ଏକ ହ୍ୱାଟସଆପ ଗ୍ରୁପରେ ଯୋଡ଼ିଥିଲେ ଯେଉଁ ଗ୍ରୁପ ରେ ଅଭିଯୋଗକାରୀଙ୍କ ସହ ସାତ ଜଣ ମେମ୍ବର ଥିଲେ । ଉକ୍ତ ଗ୍ରୁପ ରେ ସେହି ଅଜଣା ବ୍ୟକ୍ତି ନିଜକୁ ଗ୍ରୁପ ଏଡମିନ ବୋଲି କହି ସେୟାର ମାର୍କେଟର କୌଶଳ ଶିଖାଉଥିଲେ ଓ ତାଙ୍କ ପରାମର୍ଶ ଅନୁଯାୟୀ ଅଭିଯୋଗକାରୀ ସମସ୍ତ କାର୍ଯ୍ୟ କରୁଥିଲେ । ଅଭିଯୋଗକାରୀଙ୍କ ସମସ୍ତ ଆବଶ୍ୟକୀୟ କାଗଜପତ୍ର ନେଇ ଗ୍ଲୋବିକ୍ସଭଲ୍ଟ ନାମକ ଏକ ଟ୍ରେଡିଙ୍ଗ ପ୍ଲାଟଫର୍ମ ରେ ଯୋଗ ଦେଇ ଆକାଉଣ୍ଟ ତିଆରି କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଅଭିଯୋଗକାରୀଙ୍କୁ ସେମାନେ ୨୫,୧୦୦/-ଟଙ୍କା ଏବଂ ୩୫,୦୦୦/- ଟଙ୍କା ନିବେଶ କରାଇଥିଲେ ଏବଂ ଲାଭ



ବାବଦରେ ଅଭିଯୋଗକାରୀଙ୍କ ଆକାଉଣ୍ଟରେ ୮୫୦୦/- ଓ ୬୩,୦୦୦/- ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା । ଏଥିରେ ଉତ୍ସାହିତ ହୋଇ ଅଭିଯୋଗକାରୀ ସେମାନଙ୍କ ନିର୍ଦ୍ଦେଶ କ୍ରମେ ୧୨/୧୦/୨୦୨୫ ଠାରୁ ୦୪/୧୧/୨୦୨୫ ପର୍ଯ୍ୟନ୍ତ ୧,୯୪,୬୨,୩୧୦/-(ଏକକୋଟି ଚଉରାନବେ ଲକ୍ଷ ବାସଠି ହଜାର ତିନି ଶହ ଦଶ) ଟଙ୍କା ନିବେଶ କରିଥିଲେ ଏବଂ ଉକ୍ତ ପ୍ଲାଟଫର୍ମରେ ନିବେଶ କରି ସେ ମୋଟ ୫,୧୫,୧୭,୯୮୫/-(ପାଞ୍ଚ କୋଟି ପନ୍ଦର ଲକ୍ଷ ସତର ହଜାର ନଅ ଶହ ପଞ୍ଚାଅସୀ) ଟଙ୍କାର ଲାଭ ଦେଖାଇଥିଲେ । କିନ୍ତୁ ଅଭିଯୋଗକାରୀ ଯେତେବେଳେ ଉକ୍ତ ଟଙ୍କାକୁ ଉଠାଇବାକୁ ଚାହିଁଲେ ସେତେବେଳେ ଉକ୍ତ ଟଙ୍କା କୁ ଉଠାଇବା ପାଇଁ ଆହୁରି ଷାଠିଏ ଲକ୍ଷ ଟଙ୍କା ନିବେଶ କରିବାକୁ ପଡିବ ବୋଲି କହିଥିଲେ ।

ଅଭିଯୋଗକାରୀ ଆଉ ଏତେ ଟଙ୍କା ନିବେଶ ପାଇଁ ନିଜର ଅକ୍ଷମତା ପ୍ରକାଶ କରିବା ସହ ସେ ପାଇବା ଅର୍ଥ ରୁ ଉକ୍ତ ଟଙ୍କା କୁ କାଟି ବଳକା ଅର୍ଥ ପଇଠ କରିବା ପାଇଁ ଅନୁରୋଧ କରିଥିଲେ ଏବଂ ଏହା ପରେ ଅଭିଯୋଗକାରୀ ବାରମ୍ବାର ଫୋନ କରିବା ସହ ଟଙ୍କା ପଇଠ କରିବା ପାଇଁ ଅନୁରୋଧ କରିବା ପରେ ସେମାନେ ଅଭିଯୋଗକାରୀଙ୍କୁ ଉକ୍ତ ହ୍ୱାଟସଆପ ଗ୍ରୁପରୁ କାଢ଼ିଦେବା ସହ ଆଉ ଫୋନ ଉଠାଇ ନଥିଲେ। ଏହାପରେ ଅଭିଯୋଗକାରୀ କଟକ ସ୍ଥିତ ଉଓଉ କ୍ରାଇମ ବ୍ରାଞ୍ଚ ରେ ଲିଖିତ ଅଭିଯୋଗ କରିଥିଲେ ।

ପୋଲିସ ଘଟଣା ର ତଦନ୍ତ କରି ଏବଂ ସେ ଦେଇଥିବା ଫୋନ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ଓ ଅନ୍ୟାନ୍ୟ କାଗଜ ପତ୍ର କୁ ତଦନ୍ତ କରି ଅଭିଯୁକ୍ତ ଅଜୟ କୁମାର ପାଉଲକୁ ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାର ରିସ୍ରା ଥାନା ର ସେରମପୁରରୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ଧାରା ୩୧୮(୨)(୪),୩୧୯(୨), ୩୩୬(୨)(୩),୩୩୮,୩୪୦(୨), ୬୧ (୨),୩(୫) ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ ର ଧାରା ୬୬(C)୬୬(D)ପ୍ରକାରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିଲେ ଯାହାର କୋର୍ଟ କେସ ନମ୍ବର ଥିଲା ଏଜ-୧୫୦୫/୨୫। ସମସ୍ତ ୬ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର ଉପଖଣ୍ଡିୟ ବିଚାର ବିଭାଗୀୟ ବିଚାରପତି ଅଭିଯୁକ୍ତ ଅଜୟ କୁମାର ପାଉଲକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୧୦,୦୦୦/- ଟଙ୍କା ଅର୍ଥ ଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ର ଅତିରିକ୍ତ କାରାଦଣ୍ଡ ରେ ଦଣ୍ଡିତ କରିବା ପାଇଁ ରାୟ ଶୁଣାଇଛନ୍ତି । ନବରଙ୍ଗପୁର ଜିଲ୍ଲାର ଏହି ବହୁ ଚର୍ଚ୍ଚିତ ମାମଲାକୁ ସରକାରଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ରାମଚନ୍ଦ୍ର ନାୟକ ପରିଚାଳନା କରୁଥିବା ବେଳେ ପବ୍ଲିକ ପ୍ରୋସିକ୍ୟୁଟର ମନୋଜ କୁମାର ଏକ୍କା କେସ କୁ ପ୍ରତ୍ୟକ୍ଷ ଭାବରେ ତଦାରଖ କରୁଥିଲେ ।

## ୮ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ

# ନିଜ ଅଧିକାର ପାଇଁ ମତଦାନ କରିବେ ଛାତ୍ରଛାତ୍ରୀ

**ପଟ୍ଟାମୁଣ୍ଡାଇ,୭।୧୦(ନି.ସୂ) :** ସାରା ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସ୍ପଷ୍ଟ ହୋଇଥିବା ବେଳେ ପ୍ରତି କଲେଜ କ୍ୟାମ୍ପସରେ ନିର୍ବାଚନୀ ମାହୋଲ ଦେଖିବାକୁ ମିଳୁଛି।ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଆଶାୟୀ ପ୍ରାର୍ଥୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ନିଜ ଅଧିକାର ପାଇଁ ଜୀବନର ପ୍ରଥମ ଥର ମତଦାନ ଦେବା ନେଇ ବେଶ ଉତ୍ସାହିତ ହୋଇଥିବା ଜଣାପଡ଼ିଛି। ଆସନ୍ତା ୭ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ୧୫ ତାରିଖରେ ମତଦାନ ଓ ଅପରାହ୍ନରେ ଫଳାଫଳ ଘୋଷଣା ହେବ। ୧୬ ତାରିଖରେ ବିଜୟୀ ପାର୍ଥୀ ଶପଥ ଗ୍ରହଣ କରିବେ । ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା ୬ଟି ମହାବିଦ୍ୟାଳୟର କ୍ୟାମ୍ପସରେ ସବୁଠି ଉତ୍ସାହ। ଛାତ୍ରନେତା ମାନେ ଗତକାଲିଠାରୁ ନିଜନିଜ ସଂଗଠନ ପାଇଁ ପ୍ରଚାର ଆରମ୍ଭ କରିଦେଲେଣି। ବିଭିନ୍ନ ଦଳର ରାଜନେତା ମାନଙ୍କ ନଜର କଲେଜ କ୍ୟାମ୍ପସ ଉପରେ ରହିଛି। କେମିତି ନିର୍ବାଚନକୁ ସେମାନଙ୍କ ଆୟତ୍ତକୁ ନେବେ ସେଥିପାଇଁ କଲେଜ ନିର୍ବାଚନ ଟେନସନ ବଢ଼ାଇଛି ନେତା ଓ କ୍ୟାମ୍ପସର। ଗତ ଆଠବର୍ଷ ପରେ ଏହି ନିର୍ବାଚନ ହେଉଥିବାରୁ କେମିତି ପ୍ରଭାବିତ ଛାତ୍ରନେତାଙ୍କୁ ବଛାଯିବ ଓ ନିର୍ବାଚନ ପରିଚାଳନା କରାଯିବ ତାକୁ ନେଇ ଦ୍ୱନ୍ଦ ମଧ୍ୟ ରହିଛି। ପଟ୍ଟାମୁଣ୍ଡାଇରେ ୬ଟି କଲେଜ ରହିଛି ସେ ଗୁଡିକ ହେଲା ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ଯୁକେ ମହାବୀର କଲେଜ ମଦନପୁର, ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ, ବଡପଡା ମହାବିଦ୍ୟାଳୟ, ବ୍ରାହ୍ମଣୀ ମହାବିଦ୍ୟାଳୟ ଦାଣ୍ଡିସାହି, ଉଷାଦେବୀ ମହିଳା କଲେଜ ଅଣ୍ଡରା। ଏହି କଲେଜର ପ୍ରାୟ ୧୦ ହଜାର ଛାତ୍ରଛାତ୍ରୀ ନିର୍ବାଚନରେ ଭାଗନେଇ ସେମାନଙ୍କ ନେତା ବାଛିବେ।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଠୁ ଆରମ୍ଭ କରି ଛାତ୍ର ବିଜେଡି , ଛାତ୍ର କଂଗ୍ରେସ ସମେତ ବିଭିନ୍ନ ଆଂଚଳିକ ସଂଗଠନ ମଧ୍ୟ ରହିଛି। କାହାକୁ ଠିଆ କରାଯିବ ? ଶ୍ରେଣୀରେ ତାର ଉପସ୍ଥାନ ହାର କେତେ କେଉଁ ଶ୍ରେଣୀରେ କାହାର ଲୋକ ପ୍ରିୟତା କେତେ ? ତାକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ଭିତରେ ଅଙ୍କକଷା ଆରମ୍ଭ ହୋଇଛି। ଆଠବର୍ଷ ପରେ କଲେଜ ନିର୍ବାଚନ ହେଉଥିବାରୁ ଅଧକ୍ଷ ମାନଙ୍କ ଭିତରେ ଛନକା ମଧ୍ୟ ପଶିଛି। ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଅଧ୍ୟପକ ଓ କର୍ମଚାରୀ ମାନଙ୍କ ଏକାଧିକ ବୈଠକ କରାଯାଇଥିବାର ଜଣାପଡୁଛି। ଆଗାମୀ ଛାତ୍ର ନିର୍ବାଚନ କେମିତି ରାଜନୈତିକ ଗ୍ରୁପ ନେଉଛି ତାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

### ସେମାନଙ୍କ ମତରେ...



ମୁଁ ଯୁକ୍ତ ୩ କଳା ବିଭାଗର ଛାତ୍ର। ଗତ ଆଠବର୍ଷ ଧରି କଲେଜ ନିର୍ବାଚନ ବନ୍ଦ ରହିଥିଲା। ନିର୍ବାଚନ ପରେ ନୂଆ ରାଜ୍ୟ ସରକାର ନିର୍ବାଚନ ପାଇଁ ଘୋଷଣା କରିଥିବାରୁ ମୁଁ ସରକାରଙ୍କୁ ଧନ୍ୟବାଦ ଦେଉଛି। ନିର୍ବାଚନ ହେଲେ ଛାତ୍ର ମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଆଶା ଉଜ୍ଜୀବିତ ହେବା ସହ କଲେଜର ବିଭିନ୍ନ ସମସ୍ୟା ଆମେ ଉପସ୍ଥାପନ କରିପାରିବୁ।

**ସୁଭଜିତ ଲେଙ୍କା**
ଯୁକ୍ତ୩ କଳା ବିଭାଗ
ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ



ଗତ ସରକାର ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ ରଖିଥିଲେ। ଏହି ଘଟଣା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନିରାସଭାବ ସୃଷ୍ଟି କରିଥିଲା। କଲେଜ ନିର୍ବାଚନ ଆମକୁ ବହୁତ ଉତ୍ସାହିତ କରିଛି। ଛାତ୍ରଛାତ୍ରୀ ମାନେ ଭାଗନେଇ କଲେଜ କ୍ୟାମ୍ପସରେ ଥିବା ସମସ୍ୟାକୁ ସାମ୍ନାକୁ ଆଣନ୍ତୁ।

**ସ୍ୱପ୍ନା ରାଣୀ ମଲିକ**
ପଟ୍ଟାମୁଣ୍ଡାଇ ମହିଳା କଲେଜ

## ପୈତୃକ ସମ୍ପତ୍ତି ବିକ୍ରୟ କରିବେ ରାଜପାଲ ଯାଦବ

# କୋର୍ଟରେ ଦାଖଲ କଲେ ୧ କୋଟି ୧୫ ଲକ୍ଷର ଡିଡି

**ନୂଆଦିଲ୍ଲୀ,୭।୧୦:** ଅଭିନେତା ରାଜପାଲ ଯାଦବଙ୍କ ପୈତୃକ ସମ୍ପତ୍ତି ବିକ୍ରି କରିବା ପ୍ରସ୍ତାବକୁ ସୁପ୍ରିମକୋର୍ଟ ବୁଧବାର ମଞ୍ଜୁରୀ ଦେଇଛନ୍ତି। ୨୦୧୨ ମସିହାରେ ଏକ ଚଳଚ୍ଚିତ୍ର ପାଇଁ ନିଆଯାଇଥିବା ଋଣ ସହିତ ଜଡିତ ଚେକ୍ ବାଉନ୍ସ ମାମଲାରେ ବକେୟା ରାଶି ପରିଶୋଧ କରିବା ପାଇଁ ରାଜପାଲ ଏଭଳି କରିବେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ରାଜପାଲ ଯାଦବ ୨ କୋଟି ଟଙ୍କା ପ୍ରଦାନ କରିବା ପାଇଁ ଏକ ଡିମାଣ୍ଡ ଡ୍ରାଫ୍ଟ ବ୍ୟବସ୍ଥା କରିଛନ୍ତି।



ସୂଚନା ଅନୁଯାୟୀ, ରାଜପାଲ ଯାଦବ ୧ କୋଟି ୧୫ ଲକ୍ଷ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଦାଖଲ କରିଛନ୍ତି। ଯେତେବେଳେ ବାକି ୮୫ ଲକ୍ଷ ଟଙ୍କା ଯାଦବ ସମ୍ପତ୍ତି ବିକ୍ରି କରି ଅକ୍ଟୋବର ୧୨ ସୁଦ୍ଧା ଦେବେ। କୋର୍ଟ ରାଜପାଲ ଯାଦବଙ୍କ ୨୦୧୨ ମସିହାରେ ଆସିଥିବା ଚଳଚ୍ଚିତ୍ର 'ଆତା ପତା ଲାପତା' ପାଇଁ ଋଣ ଏବଂ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଚେକ୍ ବାଉନ୍ସ ବିବାଦ ସହିତ ଜଡିତ ଆବେଦନର ଶୁଣାଣି କରି ଏଭଳି କହିଛନ୍ତି। ଚେକ୍ ବାଉନ୍ସ ସହିତ ଜଡିତ ସାତଟି ମାମଲାରେ ରାଜପାଲ ଯାଦବଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ପୂର୍ବରୁ, ସୁପ୍ରିମକୋର୍ଟ ତାଙ୍କୁ ୫ କୋଟି ଜମା କରିବାରେ ବିଫଳ ହୋଇଥିବାରୁ ଭର୍ତ୍ସନା କରିଥିଲେ। କୋର୍ଟ ଏବେ ତାଙ୍କୁ ଟଙ୍କା ଜମା କରିବା ପାଇଁ ଶେଷ ସୁଯୋଗ ଦେଇଛନ୍ତି । ଭାରତରେ କଠୋର ଚେକ୍ ବାଉନ୍ସିଂ ଆଇନ ଅଛି। ଏହି ଆଇନ ଅନୁଯାୟୀ, ଯେତେବେଳେ ଚେକ୍ ବାଉନ୍ସ ହୁଏ, ସେତେବେଳେ ପ୍ରଦାନକାରୀଙ୍କୁ ଏକ ନୋଟିସ୍ ପଠାଯାଏ, ଯେଉଁଥିରେ ପେମେଣ୍ଟ ଦାବି କରାଯାଇଥାଏ। ଚେକ୍ ଜାରି କରିବା ପୂର୍ବରୁ ପ୍ରଦାନକାରୀଙ୍କୁ ସେମାନଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ପାଣି ରଖିବା ଆବଶ୍ୟକ।

## ଆକାଶବାଣୀ ଭବନରେ ଅନାଧିକାର ପ୍ରବେଶ ଅଭିଯୋଗ

# ରାହୁଲ ଓ ପ୍ରିୟଙ୍କାଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୭।୧୦:** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ନିର୍ବାଚନ ସଦନ ଅଭିମୁଖେ ବାହାରିଥିବା ବିରୋଧୀ ମେଣ୍ଟର ବିକ୍ଷୋଭ ସମୟରେ ବିନା ଅନୁମତିରେ ଆକାଶବାଣୀ ଭବନ ପରିସର ମଧ୍ୟକୁ ପ୍ରବେଶ କରିଥିବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭାଦ୍ରା ଓ ଅନ୍ୟାନ୍ୟ ସାଂସଦଙ୍କ ବିରୋଧରେ ଦିଲ୍ଲୀ ପୁଲିସ ଏଫଆଇଆର୍ ରୁଜୁ କରିଛି। ସୁରକ୍ଷା ବାହିନୀ ବିରୋଧୀଙ୍କ ଶୋଭାଯାତ୍ରାକୁ ନିର୍ବାଚନ କମିଶନ ମୁଖ୍ୟାଳୟ ସାମ୍ନାରେ ଅଟକାଇବା ପରେ ଏହି ନେତାମାନେ ପାଖରେ ଥିବା ଆକାଶବାଣୀ ଭବନ ପରିସରକୁ ପଶିଯାଇ ରାତି ୮ଟା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା ।

ଗତ ମଙ୍ଗଳବାର ଦିନ ୩୦୦ରୁ ଅଧିକ ବିରୋଧୀ ସାଂସଦ ସଂସଦ ଭବନରୁ ନିର୍ବାଚନ ସଦନ ଆଡ଼କୁ ମାର୍ଚ୍ଚ କରିଥିବା ବେଳେ ପୁଲିସ ୨୫୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ହାଜତକୁ ନେଇଥିଲା। ଏହି ସମୟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ଅନ୍ୟ ୨୦ ଜଣ ପ୍ରମୁଖ ନେତା ଆକାଶବାଣୀ ଭବନ ଭିତରେ ଧାରଣା ଦେବା ପରେ ପୁଲିସ ବଳପୂର୍ବକ ସେମାନଙ୍କୁ ଗାଡ଼ିରେ ବସାଇ କିଙ୍ଗସୱେ କ୍ୟାମ୍ପ ନେଇଥିଲା ଏବଂ ରାତି ପ୍ରାୟ ୧୦:୧୫ରେ ଛାଡ଼ିଥିଲା ।

## ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଭାରତର ତ୍ରିପାକ୍ଷିକ ଶାନ୍ତି ପ୍ରସ୍ତାବ

# ଭୂୟସୀ ପ୍ରଶଂସା କଲେ ୟୁକ୍ରେନ୍ ଓ ରୁଷ

**ନୂଆଦିଲ୍ଲୀ,୭।୧୦:** ଦୀର୍ଘ ପାଞ୍ଚ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଭାରତ ପକ୍ଷରୁ ଏକ ତିନୋଟି ପ୍ରମୁଖ ଦିଗବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଏବଂ ଯୁଦ୍ଧବିରତି ପ୍ରସ୍ତାବ ଆଗତ କରାଯାଇଛି। ଗତମାସରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କିଭ୍ ଗସ୍ତ ସମୟରେ ହସ୍ତାନ୍ତର କରାଯାଇଥିବା ଏହି ପ୍ରସ୍ତାବରେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ, କୃଷ୍ଣସାଗର ମାଧ୍ୟମରେ ଖାଦ୍ୟଶସ୍ୟ ଓ ଶକ୍ତି ପରିବହନ ସୁରକ୍ଷିତ ରଖିବା ଏବଂ ବାଣିଜ୍ୟିକ ଜାହାଜ ଚଳାଚଳ ଉପରେ କଟକଣା ହଟାଇବା ଭଳି ଦିଗ ସାମିଲ ରହିଛି, ଯାହାକୁ ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ସବୁଠାରୁ ବ୍ୟାପକ ଏବଂ ଗ୍ରହଣଯୋଗ୍ୟ ପ୍ରସ୍ତାବ ବୋଲି କହିଛନ୍ତି।

ତୁର୍କୀ, ମିଶର ଓ ଆମେରିକା ପକ୍ଷରୁ ଆସିଥିବା ଯୁଦ୍ଧବିରତି ପ୍ରସ୍ତାବ ତୁଳନାରେ ଭାରତର ପ୍ରସ୍ତାବ ଅଧିକ ବାସ୍ତବବାଦୀ



ହୋଇଥିବା ବେଳେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରପେକ୍ଷ ଆଭିମୁଖ୍ୟ ଓ ଶାନ୍ତି ପ୍ରଚେଷ୍ଟାର ଉଚ୍ଚ ପ୍ରଶଂସା କରିଛନ୍ତି।

ବୈଦେଶିକ ମନ୍ତ୍ରୀ ଜୟଶଙ୍କର ମଧ୍ୟ ଦିଲ୍ଲୀରେ ଅନୁଷ୍ଠିତ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ ଭାରତ କେବଳ ପରାମର୍ଶ ମଧ୍ୟରେ ସୀମିତ ନରହି ଦୁଇ ଦେଶ ସହ ସୀମାନ୍ତ ବିବାଦ ଓ ଶତ୍ରୁତା ହ୍ରାସ ପାଇଁ ବ୍ୟାବହାରିକ ଆଲୋଚନା ଜାରି ରଖିଛି। ରୁଷ ସହ ନିବିଡ଼ ସାମରିକ ଓ ଦ୍ୱିପାକ୍ଷିକ ସମ୍ପର୍କ ହେତୁ ଭାରତ ଏହି ଯୁଦ୍ଧରେ ନିଜକୁ ନିରପେକ୍ଷ ରଖି ଆସିଥିଲେ ମଧ୍ୟ କୂଟନୈତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏବେ ପ୍ରମୁଖ ମଧ୍ୟସ୍ଥ ଭୂମିକା ଗ୍ରହଣ କରିଛି।

## ଆଜି ଓଡିଶା ବନ୍ଦ, ସଫଳ ପାଇଁ ଇଣ୍ଡିଆ ବ୍ଲକର ନିବେଦନ



ବ୍ୟାସନଗର: ୭। ୧୦(ନି. ସୂ): ଆଜି ୮ ତାରିଖ ଓଡିଶା ବନ୍ଦକୁ ସଫଳ କରିବା ପରିପ୍ରେକ୍ଷୀରେ ଇଣ୍ଡିଆ ବ୍ଲକ ପକ୍ଷରୁ ରାଧାନାଥ ମାର୍ଗଠାରେ ବ୍ୟାସନଗର କଂଗ୍ରେସ କମିଟି ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ବୈଠକ ରେ ନିବେଦନ କରାଯାଇଛି । ଉକ୍ତ ବୈଠକରେ କୋରେଇ ବ୍ଲକ କଂଗ୍ରେସ କମିଟି ସଭାପତି ହରେକୃଷ୍ଣ ସାହୁ,ସିପିଏମ ପୂର୍ବତନ ଜିଲା ସମ୍ପାଦକ ପ୍ରଫୁଲ୍ଲ ନାୟକ,ବ୍ୟାସନଗର ପୌର ପରିଷଦ ପୂର୍ବତନ ଉପ ନଗରପାଳ ହୃଦାନନ୍ଦ ସାମଲ,ପୂର୍ବତନ ନଗର କଂଗ୍ରେସ ସଭାପତି ଦିଲ୍ଲିପ କୁମାର ମଲ୍ଲିକ, ପୂର୍ବତନ କାଉନସିଲର ଅନୁପ କୁମାର ନାୟକ,ରାଜକିଶୋର ପ୍ରଧାନ,ପ୍ରଭାତ ମହାପାତ୍ର, ପଦ୍ମନାଭ ନାୟକ, କାଉନସିଲର ରବୀନ୍ଦ୍ର କୁମାର ରାଉତ ଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଯୋଗଦେଇ ଉକ୍ତ ବନ୍ଦକୁ ସଫଳ କରିବାକୁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ଶାନ୍ତିଶୃଙ୍ଖଳା, ଟ୍ରାଫିକ ଓ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ

ଧର୍ମଗଡ଼, ୦୭/୧୦ (ନି.ସୂ.) : ଆଗାମୀ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳା ଓ ଭାଇଚାରାର ପରିବେଶରେ ସୁରୁଖୁରୁରେ ପାଳନ କରିବା ନେଇ ଧର୍ମଗଡ଼ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଧର୍ମଗଡ଼ ଏସଡିପିଓ ଭର୍ଷିତା ଆଡେପୁ, ବିଡିଓ ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ଓ ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଧର୍ମଗଡ଼ ଗୋରୁବଜାର ପଡ଼ା ପୂଜା କମିଟି, ଚାରିଛକ ପୂଜା କମିଟି, ଶକ୍ତି ମଣ୍ଡପ ପୂଜା କମିଟି, ଧର୍ମଗଡ଼ ବସ୍ତିପଡ଼ା ପୂଜା କମିଟି ଓ କାସିବାହାଲ ପୂଜା କମିଟି ସମେତ ୫ଟି ପୂଜା କମିଟିର କର୍ମକର୍ତ୍ତାମାନେ ନିଜ ନିଜ ଅଞ୍ଚଳର ପୂଜା ପ୍ରସ୍ତୁତି ସମ୍ପର୍କରେ ପ୍ରଶାସନକୁ ଅବଗତ



କରାଇଥିଲେ।ବୈଠକରେ ଦୁର୍ଗାପୂଜ□। ସମୟରେ ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ୍ ? ସଂଯୋଗର ସୁରକ୍ଷିତ ବ୍ୟବହାର, ଅଗ୍ନି ନିରାପତ୍ତା, ଭିଡ଼ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା ଓ ଟ୍ରାଫିକ ପରିଚାଳନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ବିସର୍ଜନ ଶୋଭାଯାତ୍ରା ସମୟରେ ନିୟମ ଅନୁଯାୟୀ ଧ୍ୱନି ବ୍ୟବହାର କରିବା ସହ ଯାତାୟାତ ବ୍ୟବସ୍ଥାକୁ ସୁଗମ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ପୂଜା ସମୟରେ ଅସାମାଜିକ କାର୍ଯ୍ୟକଳାପ ଓ ଅପରାଧିକ ଗତିବିଧି ଉପରେ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯିବା ସହ ସାଧାରଣ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ପୂଜା କମିଟିଗୁଡ଼ିକ ପ୍ରଶାସନର ସମସ୍ତ ନିୟମ ଓ ନିର୍ଦ୍ଦେଶନାମା ପାଳନ କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ପ୍ରଶାସନକୁ ସହଯୋଗ କରିବାକୁ କୁହାଯାଇଥିଲା। ଏଥିସହ ପୂଜା ଅବସରରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୂଜା ମଣ୍ଡପ ଓ ଏହାର ଆଖପାଖ ଅଞ୍ଚଳରେ ଆବଶ୍ୟକ ସୁରକ୍ଷା, ପାନୀୟ ଜଳ ଓ ସ୍ୱଚ୍ଛତା ବ୍ୟବସ୍ଥା କରିବା ଉପରେ ମଧ୍ୟ ମତବିନିମୟ ହୋଇଥିଲା। ଭିଡ଼ ନିୟନ୍ତ୍ରଣ, ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଏବଂ ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ ରଖିବା ପାଇଁ ପ୍ରଶାସନ ଓ ପୂଜା କମିଟିଗୁଡ଼ିକ ମଧ୍ୟରେ ନିରନ୍ତର ସମନ୍ୱୟ ରଖିବା ଉପରେ ଜୋର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଏସଡିଆଇପିଆରଓ ରମେଶ ସିଂ ପରିଚାଳନା କରିଥିବା ବେଳେ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଣ୍ଡିଖୋଲ ଆରଟିଓଙ୍କ ପକ୍ଷରୁ ସେବା ସଂକଳ୍ପ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ

ବଡ଼ଚଣା /ଚଣ୍ଡିଖୋଲ ୭/୧୦(ନି.ସୂ): ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସେବା ସଂକଳ୍ପ ଅଭିଯାନ ଓ ସଡ଼କ ସୁରକ୍ଷା ଶପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜନଧାଧରଣ ମାନଙ୍କ ଭିତରେ ସଡ଼କ ସୁରକ୍ଷା ପ୍ରତି ସଚେତନ, ଟ୍ରାଫିକ ନିୟମ ପାଳନ କରିବା, ଅଧିକ ବେଗରେ ଗାଡ଼ି ନ ଚାଇବା,ନିଶା ସେବନ କରି ଗାଡ଼ି ନଚଳାଇବା, ଗାଡ଼ି ଚଳାଇବା



ବେଳେ ,ମୋବାଇଲ ଫୋନ ବ୍ୟବହାର ନ କରିବା,ରସ୍ତା ବିପରୀତ ଦିଗରେ ଗାଡ଼ି ନ ଚାଇବା,ଦୁଇ ଚକିଆ ଓ ଚାରି ଚକିଆ ଗାଡି ଚଳାଇବା ବେଳେ ହେଲମେଣ୍ଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ଆଦି ଉପରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା।ଏହି ଅବସରରେ ୨୫ ଜଣ ବିନା ହେଲମେଟ ବାଇକ୍ ଆରୋହୀ ମାନଙ୍କୁ ହେଲମେଟ ପ୍ରଦାନ କରାଯାଇ ସଡକ ସୁରକ୍ଷା ସମ୍ପର୍କିତ ସମସ୍ତ ନୀତି ନିୟମ ପାଳନ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ ,ଅତିରିକ୍ତ ତହସିଲ ଦାର୍ ବିରଜା ପ୍ରସନ୍ନ ରାୟ ,ଟି ଆଇ ଯୁଗଳ କିଶୋର ତିରୀୟା ସହକାରୀ ଏମ୍ ଭି ଆଇ ସଲିଲ ସେଠୀ ,ଅଭିନାଶ ସ୍ୱାଇଁ,ସ୍ୱାତୀ ସ୍ୱାଗତିକା,ସହକାରୀ ଆର୍ ଟିଓ ପ୍ରାଚୀ ପ୍ରଜ୍ଞା ଲେଙ୍କା ,ଟ୍ରାଫିକ ସବ୍ ଇନ୍ସପେକ୍ଟର ସତ୍ୟ ନାରାୟଣ ସାହୁ , ପ୍ରେସ କ୍ଲବ୍ ସଭାପତି ବେଣୁଧର ପଣ୍ଡା, ଆର ଟି ଓ ମେମ୍ବର ବିଭୁତି ଭୂଷଣ ଜେନା, ବଡ଼ଚଣା ପଞ୍ଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ,ଯୁବ ସମାଜ ସ୍ୱେ।ି ପ୍ରିତମ ନାୟକ, ଓ ଅଞ୍ଜୁଲତକ୍ଷ ସ୍ୱାଇଁ, ବଡ଼ଚଣା ଥାନା ଏସ ଆଇ ଶାନ୍ତନୁ କୁମାର ମିଶ୍ର, ସମେତ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଦଣ୍ଡାବାଡି ଗ୍ରାମପଞ୍ଚାୟତର ଜଙ୍ଗଲ ଜମିକୁ ବେଆଇନ ଜବରଦଖଲ ଅଭିଯୋଗ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



କୋରାପୁଟ: ୭/୧୦: କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ଗ୍ରାମ ପଞ୍ଚାୟତରେ ସରକାରୀ ଜଙ୍ଗଲ ଜମି ଜବର ଦଖଲକୁ ନେଇ ତେଜିଛି ଜନଅସନ୍ତୋଷ। ରାଜ୍ୟ ବାହାରୁ ଆସିଥିବା କିଛି ମାଫିଆ ସ୍ଥାନୀୟ ଅଞ୍ଚଳର ଏକର ଏକର ସରକାରୀ ଜଙ୍ଗଲ ଜମିକୁ ବେଆଇନ ଭାବେ ମାଡ଼ି ବସିବା ସହ ମୂଲ୍ୟବାନ ଗଛ ସବୁ କାଟି ସେଠାରେ ବ୍ୟାପକ ନୀଳଗିରି ଚାଷ କରୁଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ଏବଂ ସରକାରୀ ଜମିକୁ ମୁକ୍ତ କରିବା ଦାବିରେ ଦଣ୍ଡାବାଡ଼ି ଓ ଆଖପାଖ ଗ୍ରାମର ଜନ ସାଧାରଣ ମିଳିତ ଭାବେ କୋରାପୁଟ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଦଣ୍ଡାବାଡ଼ି, ପଣସପୁଟ, ଦିଶାରିଗୁଡ଼ା, ବଡପଡା ଓ ମାଝୀଗୁଡ଼ା ଆଦି ରାଜସ୍ୱ ଗ୍ରାମର ସ୍ଥାନୀୟ ବାସିନ୍ଦାମାନେ ପିଢ଼ି ପିଢ଼ି ଧରି ଏହି ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଜଙ୍ଗଲରୁ ଜାଳେଣି କାଠ, ମହୁଲ, ଶାଳ ମଞ୍ଜି ଏବଂ କେନ୍ଦୁ ପତ୍ର ସଂଗ୍ରହ କରି ସେମାନେ ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ଏବେ ବାହାର ରାଜ୍ୟର କିଛି ଲୋକ ସେମାନଙ୍କ ସରଳତାର ସୁଯୋଗ ନେଇ ଜଙ୍ଗଲ ସଫା କରି ଚାଲିଛନ୍ତି। ଏହାଦ୍ୱାରା ପ୍ରାକୃତିକ ପରିବେଶ ନଷ୍ଟ ହେବା ସହ ଗୋରୁଗାଈ ଚରିବା ପାଇଁ ଗୋଚର ଜମିର ଘୋର ଅଭାବ ଦେଖାଦେଇଛି।ସରକାରଙ୍କ ପକ୍ଷରୁ କିଛି ପୁରୁଣା ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ମାଫିଆମାନେ ବିନା କୌଣସି ସରକାରୀ ଅନୁମତିରେ ମନମୁଖୀ ଭାବେ ଜଙ୍ଗଲ ଜମିକୁ କ୍ଷତି ପହଞ୍ଚାଉଛନ୍ତି। ଏହି ଘଟଣାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ବେଆଇନ ଜବରଦଖଲ କାରୀଙ୍କୁ ଉଚ୍ଛେଦ କରିବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ପାଞ୍ଚ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜେଏମଏମ୍ର ଦାବିପତ୍ର

## ବନ୍ୟା କ୍ଷୟକ୍ଷତିର ସଠିକ ଆକଳନ ସହ ମୋରଡା ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦାବି

ବାରିପଦା, ୭/୧୦ (ନି.ସୂ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଜନସାଧାରଣଙ୍କ ଦାବିକୁ ନେଇ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ୍) ପକ୍ଷରୁ ତିନିଦିନ ଧରି ଚାଲିଥିବା ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ବାରିପଦାଠାରେ ପାଞ୍ଚ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଜେଏମଏମ୍ର କର୍ମକର୍ତ୍ତାମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବାରିପଦାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଥିଲେ।



ଜେଏମଏମ୍ ପକ୍ଷରୁ କୁହାଯାଇଛି ଯେ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାସ୍ତା, ପୋଲ, ବନ୍ଧ, ସ୍କୁଲ ଓ କଲେଜ ଗୃହ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଚାଷଜମି ଓ ଘରବାଡ଼ି ସମେତ ଧନଜୀବନ ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ମୋରଡା ବ୍ଲକ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିବାକୁ ଦାବି କରାଯାଇଛି।

ଦଳର ପାଞ୍ଚ ଦଫା ଦାବି ମଧ୍ୟରେ ବନ୍ୟା ଓ ବର୍ଷାଜନିତ କ୍ଷୟକ୍ଷତିର ସଠିକ ଆକଳନ କରି କ୍ଷତିପୂରଣ ଦେବା ସହ ମୋରଡା ବ୍ଲକ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା, ବ୍ଲକର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ଭତ୍ତା ପ୍ରଦାନ, ଗଗଉଜ ବିଲ୍ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାୟିତ୍ୱମୁକ୍ତ କରିବା ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି ରହିଛି। ଏହି ସମସ୍ତ ଦାବି ପୂରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଜେଏମଏମ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବ ଓ ଛାତ୍ର କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସ, ସହର ସଭାପତି ତରେନ ସେନାପତି, ରାଜ୍ୟ ପରିଷଦ ସଭ୍ୟ ସୁଜିତ ବେହେରା, ବାରିପଦା ବ୍ଲକ ସମ୍ପାଦକ ବବଲୁ ସିଂ, ଅଭିଷେକ ଦଣ୍ଡପାଟ, ବୁଦ୍ଧିଆ ମୁର୍ମୁ, ମେଘରାୟ ସୋରେନ, ରାମେଶ୍ୱର ଲୋହାରୀ, ପ୍ରେମ ସିଂ, ସୌମ୍ୟରଞ୍ଜନ ଅଗସ୍ତି, ବିଷ୍ଣୁ ରାୟ, ଡମାନ ହେମ୍ବ୍ରମ, ପ୍ରଦୀପ ସିଂ ଓ ଶଙ୍କର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଜେଏମଏମ୍ କର୍ମକର୍ତ୍ତାମାନେ ବାରିପଦା ପୌରପରିଷଦର ନିର୍ବାହୀ ଅଧିକାରୀ ଏବଂ ବାରିପଦା ବିଡିଓଙ୍କ ମାଧ୍ୟମରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

## ସମାଜସେବୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ବ୍ୟାସନଗର :୭।୧୦ ( ନି.ସୂ ) ରକ୍ତ ଦାନ ମହା ପୂଣ୍ୟ ଏହି ଉକ୍ତି ରେ ଶହୀଦ ଭଗତ ସିଂ ଯୁବକ ସଂଘ ର ସକ୍ରିୟ ସଦସ୍ୟ ତଥା ସମାଜସେବୀ ହେମନ୍ତ କୁମାର ନାୟକ ଗରିବ ତଥା ଅସହାୟ ବ୍ୟକ୍ତି ଙ୍କ ମନର କଥା ବୁଝିଥାନ୍ତି । ୪୩ତମ ଜନ୍ମବାର୍ଷିକ ରେ ସଂଘ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଯାଜପୁର ମଣ୍ଡଳ ବିଧୁତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ



ଅନନ୍ତ ନାରାୟଣ ସେନାପତି ଉଦଘାଟନ କରିଥିବାବେଳେ ସନ୍ମାନୀତ ଅତିଥିଭାବେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରସନ୍ନଜିତ କର ରକ୍ତଭଣ୍ଡାର ଅଧିକାରୀ ଡ଼ଃ ଗୌତମ ସାହୁ, ଶହୀଦ ଭଗତ ସିଂ ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମଜସେବୀ ପ୍ରସନ୍ନ ସାମଲ, ନରେଶ ମସ୍କରା, ଆଲୋକ ମହାନ୍ତି, ନାରାୟଣ ଚନ୍ଦ୍ର ନାୟକ, ଚନ୍ଦ୍ରମଣି ସାମଲ, ଅଶୋକ ରାଉତ, ଗୋବିନ୍ଦ ଚନ୍ଦ୍ର ଜେନା, ଧନେଶ୍ୱର ବେହେରା, ବାଇଧର ମାଝୀ ସାମ୍ବାଦିକ ଜୟଶଙ୍କର ମଲ୍ଲିକ, ପ୍ରମୁଖ ଯୋଗଦେଇଥିବା ବେଳେ ଯୁବକ ସଂଘର ସମ୍ପାଦକ ହେମନ୍ତ କୁମାର ଧୀର, କାର୍ଯ୍ୟକାରୀ ସମ୍ପାଦକ ରମେଶ ବିଶ୍ୱାଳ, ସହସମ୍ପାଦକ ଅକ୍ଷୟ ନାୟକ, ମନୋଜ ଦାଶ, ଶ୍ରୀଧର ଦାସ, ପିନାକୀ ଓଝା, ସୁନୀଲ ସେଠି, ଚନ୍ଦନ ଦାସ, ସୁନୀଲ ରାଉତ, ଆଲୋକ କୁମାର ବେହେରା ସହଯୋଗ କରିଥିଲେ ।

## ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନସିପ
## ଓଡିଶା ଜିତିଲା ୪୯ ପଦକ

ପୁରୀ ୭/୧୦ (ନି.ସୂ): ଚଳିତ ବର୍ଷ ଟାଏକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆ ଓ ମଧ୍ୟପ୍ରଦେଶ ଟାଏକୋଣ୍ଡୋ ସଂଘ ମିଳିତ ଆନୁକୂଲ୍ୟରେ ମଧ୍ୟପ୍ରଦେଶର ଇଣ୍ଡୋରଠାରେ ଜାତୀୟ ସବ ଜୁନିଅର ଓ ଜୁନିଅର କିରୋଗୀ ଓ ପୁଂସି ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଭାରତର ବିଭିନ୍ନ ରାଜ୍ୟରୁ ସର୍ବମୋଟ ୧୦୫୦ ରୁ ଉର୍ଦ୍ଧ ବାଳକ ଓ ବାଳିକା ପ୍ରତିଯୋଗୀ ଏବଂ ଓଡିଶାରୁ ୨୭ଜଣ ବାଳକ ଓ ୨୪ଜଣ ବାଳିକା ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଓଡିଶା ଟିମ ଉଭୟ ଇଭେଣ୍ଟରେ ସ୍ୱର୍ଣ-୧୩, ରୌପ୍ୟ-୧୫ ଓ ବ୍ରୋଞ୍ଜ -୨୧ ପଦକ ଜିତିଥିଲା । ଓଡିଶା ଟିମ ପୁଂସି ଇଭେଣ୍ଟରେ ଉପବିଜେତା ଟ୍ରଫି ହାସିଲ କରିଥିଲା । ତନ୍ମଧ୍ୟରୁ ପୁରୀ ଜିଲ୍ଲାରୁ ୧୩ଜଣ ବାଳକ ଓ ୧୧ଜଣ ବାଳିକା ପ୍ରତିଯୋଗୀ ସର୍ବମୋଟ ୨୪ଜଣ ପ୍ରତିଯୋଗୀରୁ ସ୍ୱର୍ଣ-୧୦, ରୌପ୍ୟ-୮ ଓ ବ୍ରୋଞ୍ଜ-୧୦ ପଦକ ଜିତିଥିଲେ ।

## ଜଗତସିଂହପୁର ସଡ଼କ ସୁରକ୍ଷା ସମିତି ତରଫରୁ ସେବା ସଙ୍କଳ୍ପ ଅଭିଯାନ ଉପଲକ୍ଷେ ଦୁଇ ଚକିଆ ପଥଚାରୀଙ୍କୁ ହେଲମେଟ ବିତରଣ



ଜଗତସିଂହପୁର ୦୭/୧୦(ନି .ସୂ): ଜଗତସିଂହପୁର ଜିଲ୍ଲା ବୁଧବାର ଅପରାହ୍ନ ୪.୩୦ ସମୟରେ ଜଗତସିଂହପୁର ପୌରପରିଷଦ ମୁଖ୍ୟ ଫାଟକ ସମ୍ମୁଖରେ ସଡ଼କ ସୁରକ୍ଷା ସମିତି ତରଫରୁ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମାଙ୍କ ସଦୟ ଉପସ୍ଥିତି ରେ ବିନା ହେଲମେଟ ରେ ଯାଉଥିବା ଦୁଇ ଚକିଆ ପଥଚାରୀ ମାନଙ୍କୁ ସଡ଼କ ସୁରକ୍ଷା ସଚେତନତା କରିବା ସହ ହେଲମେଟ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିନା ହେଲମେଟ ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କହିଥିଲେ ଯେ, ଯେଉଁ ହସ ମୁହଁ ରେ ରଖି ସେମାନେ ଘରୁ ବାହାରୁଛନ୍ତି, ସେହି ହସ ସହ ପୁଣି ପରିବାର ପାଖକୁ ଫେରିବା ଦରକାର। ସୁରକ୍ଷା ର କିଛି ଉପାୟ ଆମ ହାତରେ ଅଛି। ତେଣୁ ସଡ଼କ ସୁରକ୍ଷା ର ନିୟମ ମାନି ଆମେ ନିଜ ତଥା ସମାଜର କଲ୍ୟାଣ କରିପାରିବା। ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ମଧ ସମସ୍ତଙ୍କୁ ସଡ଼କ ସୁରକ୍ଷା ର ନିୟମ ମାନି ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ଉପଦେଶ ଦେଇଥିଲେ।ଉକ୍ତ ସଚେତନତା କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରିଣୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି , ମଟର ଯାନ ନିରୀକ୍ଷକ ଶ୍ରୀ ପ୍ରତାପ କୁମାର ବେହେରା,ଯୁଗ୍ମ ମଟରଯାନ ନିରୀକ୍ଷକ ଶ୍ରୀମତୀ ଦମୟନ୍ତୀ ମାହାଲି ଏବଂ ଯୁଗ୍ମ ମଟରଯାନ ନିରିକ୍ଷକ ଶ୍ରୀମତୀ ମନୋରମା ମାଝୀ ଙ୍କ ସମେତ ଜଗତସିଂହପୁର ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟ କୁ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଦିପକ କୁମାର ସେଠୀ ସମ୍ପାଦନା କରିଥିଲେ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର ସହକର୍ମୀ ମାନେ ଉକ୍ତ କାର୍ଯ୍ୟ କୁ ପରିଚାଳନା କରିଥିଲେ।

## ପଠାଣି ସାମନ୍ତ ଗଣିତ ବୃତ୍ତି ପରୀକ୍ଷାରେ ଆଗରପଡ଼ାର ମନସ୍ମିତା ବ୍ଲକ ଟପର



ଆଗରପଡ଼ା ୭/୧୦ (ନି ସୂ): ପଠାଣି ସାମନ୍ତ ଗଣିତ ବୃତ୍ତି ପରୀକ୍ଷାରେ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ବନ୍ତ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ଏହି ବିଦ୍ୟାଳୟର ଅନ୍ୟତମ ଛାତ୍ରୀ ପ୍ରୀତିପ୍ରଜ୍ଞା ନାୟକ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି।

ବନ୍ତ ବ୍ଲକରୁ ମୋଟ ୬ ଜଣ ଛାତ୍ରଛାତ୍ରୀ ପଠାଣି ସାମନ୍ତ ଗଣିତ ବୃତ୍ତି ପାଇବା ପାଇଁ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଏହି ସଫଳତାକୁ ନେଇ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା।

ସଭାରେ ପ୍ରଧାନଶିକ୍ଷକ ତଥା ବିଇଓ ଇନ୍‌ଚାର୍ଜ ଚିତ୍ତରଂଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ ରାଉଳ, ଭୀମସେନ ପାଲ, କୈଳାସ ପଣ୍ଡା, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ରଂଜିତା ଶିଅଳ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ସୁମିତ୍ରା ନାଇକ, ସାବିତ୍ରୀ ଦାଶ, ବିଦ୍ୟୁତଲତା ଦାସ, ସୁଶାନ୍ତ ଜେନା ଓ ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଉପସ୍ଥିତ ଶିକ୍ଷକ-ଶିକ୍ଷୟିତ୍ରୀମାନେ କୃତୀ ଛାତ୍ରୀ ମନସ୍ମିତା ରାଉତ ଓ ପ୍ରୀତିପ୍ରଜ୍ଞା ନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ବ୍ଲକ ସ୍ତରୀୟ 'ସେବା ସେତୁ' ଶିବିର



ନୂଆପଡ଼ା ୭/୧୦ ( ନି ସୂ) : ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ଯେମିତି ଉପଯୁକ୍ତ ହିତାଧିକାରୀ ପାଇପାରିବେ ଏବଂ ସଠିକ୍ ଲୋକଙ୍କ ପାଖରେ ଯୋଜନା ପହଞ୍ଚିବ ତା'ରି ଉଦ୍ଦେଶ୍ୟରେ ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ଗତକାଲି ନୂଆପଡ଼ା ଜିଲ୍ଲା ବୋଡ଼େନ କାର୍ଯ୍ୟାଳୟ ଠାରେ ବି ଡି ଓ ଚିନ୍ମୟ କୁମାର ସାଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ମୁଖ୍ୟ ଅତିଥି ଭାବେ ଏସ ଡି ସି ଉପାଧକ୍ଷା ବେଳମତି ମାଝୀ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧକ୍ଷା ସଙ୍ଗୀତା ମାଝୀ,ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଲମ୍ବୋଦର ନିଆଲ,ପାତାଳ ଗଙ୍ଗା ମଣ୍ଡଳ ସଭାପତି ନୀଳାମ୍ବର ମେହେର,ସ୍ୱପ୍ନେଶ୍ୱର୍ ମଣ୍ଡଳ ସଭାପତି ରାଜ କିଶୋର ହେର୍ଣ୍ଣା, ଅତିନ୍ଦ୍ର ଜିତ ସିଂ ମଲ୍ଲିକ,ବିଜୟ ବେହେରା,ଅବନୀ ଯୋଶୀ,ରୁଦ୍ର ପଟେଲ ପ୍ରମୁଖ ଯୋଗଦାନ କରିଥିଲେ ।ଜିପିଡିଓ ଭୀଷ୍ମ କୁମାର ଓ ଡବ୍ଲୁ ଇ ଓ କ୍ଷଣପ୍ରଭା ପାଣିଗ୍ରାହୀ ଶିବିର ସଂଯୋଜନା କରିଥିଲେ । ଶିବିରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ଉପରେ ଲୋକଙ୍କୁ ଅବଗତ କରିବା ସହିତ ବିଭିନ୍ନ ଯୋଜନାରେ ସମ୍ପୃକ୍ତିକରଣ ପାଇଁ ସମୁଦାୟ ୧୩୦ ଟି ଆବେଦନ ଗ୍ରହଣ ହୋଇଥିଲା ।ଏହି ଅବସରରେ ୬ ଜଣ ହିତାଧିକାରୀଙ୍କୁ ଭତ୍ତା କାର୍ଡ ଓ ୮ ଜଣଙ୍କୁ ଖାଉଟି କାର୍ଡ ପ୍ରଦାନ କରାଯାଇଥିଲା ।ସମସ୍ତ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଶିବିରରେ ସହଯୋଗ କରିଥିଲେ।

### ଅଗରକରଙ୍କ ବିଦାୟରେ ଭାବବିହ୍ୱଳ ହେଲେ ଗମ୍ଭୀର
# ଇତିହାସ ଆପଣଙ୍କ ପ୍ରତି ଉଦାର ରହିବ

ନୂଆଦିଲ୍ଲୀ ୭/୧୦: ଭାରତୀୟ ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ପଦରୁ ଅଜିତ୍ ଅଗରକର ଓହରିବା ପରେ, ଟିମ୍ ଇଣ୍ଡିଆର ହେଡ କୋଚ ଗୌତମ ଗମ୍ଭୀର ତାଙ୍କ ପାଇଁ ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ବିଦାୟୀ ସନ୍ଦେଶ ଲେଖିଛନ୍ତି । ଇତିହାସ ଆପଣଙ୍କ ପ୍ରତି ଉଦାର ରହିବ ଗମ୍ଭୀର ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି । ଅଗରକରଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ ଦଳ ୩ଟି ଆଇସିସି ଟ୍ରଫି ଜିତିଛି । ଗମ୍ଭୀର କହିଛନ୍ତି ଯେ, ଏହି ସଫଳତା ଅଗରକରଙ୍କ ଟିମ୍ ପ୍ରଥମ ଏବଂ ଟିମ୍ ସବୁବେଳେ ଆଗରେ ଚିନ୍ତାଧାରାର ସପକ୍ଷରେ ବଡ଼ ପ୍ରମାଣ । କାର୍ଯ୍ୟକାଳ ସମୟରେ କିଛି ଚୟନ ନିଷ୍ପତ୍ତିକୁ ନେଇ ସମାଲୋଚନା ହୋଇଥିଲେ ସୁଦ୍ଧା, ଗମ୍ଭୀର କହିଛନ୍ତି ଯେ ଅଗରକର ବ୍ୟକ୍ତିଗତ ପସନ୍ଦ-ନାପସନ୍ଦଠାରୁ ଉପରେ ଉଠି କେବଳ ଦଳର ହିତ ପାଇଁ ନିଷ୍ପତ୍ତି ନେଉଥିଲେ । ଅଗରକରଙ୍କ ସହ କାମ କରିବାକୁ ଏକ ବଡ଼ ସମ୍ମାନର ବିଷୟ ବୋଲି ବର୍ଣ୍ଣନା କରି, ଗମ୍ଭୀର ତାଙ୍କର ଆଗାମୀ ଭବିଷ୍ୟତ ପାଇଁ ହୃଦୟରୁ ଶୁଭକାମନା ଜଣାଇଛନ୍ତି । ବେଶ କିଛି ବର୍ଷ ଭାରତୀୟ କ୍ରିକେଟରେ କୋଚ ଗୌତମ ଗମ୍ଭୀର ଓ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ରାଜୁତି ଚାଲିଥିଲା । ଏବେ ଏହି ଯୋଡି ଭାଙ୍ଗିଯାଇଛି । ଅଗରକରଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ଏହି ଯୋଡିଙ୍କ ଭାରତର ଦୁଇ ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସହ ମତଭେଦ ଭାରତୀୟ କ୍ରିକେଟରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲା ।

## ହେଲମେଟ ବାଣ୍ଟି ସଚେତନତା କଲେ ପରିବହନ ବିଭାଗ ଓ ପୁଲିସ

ମୋହନା, ୭/୧୦(ନି.ସୂ): ଗଜପତି ଜିଲ୍ଲା ମୋହନା ଥାନା ସମ୍ମୁଖରେ ବାଇକ ଚାଳକଙ୍କୁ ହେଲମେଟ ବାଣ୍ଟି ସଚେତନତା କରିଛି ପୁଲିସ ଓ ପରିବହନ ବିଭାଗ । ବର୍ତ୍ତମାନ ପରିସ୍ଥିତି ରେ ରାସ୍ତା ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ବାଇକ ଚାଳକ ମାନେ ହେଲମେଟ ପାଖରେ ଥାଇ ମଧ ନପିନ୍ଧିବା ଯୋଗୁଁ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ତେଣୁ ବାଇକ ଚଳାଇବା ବେଳେ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି ପୁଲିସ ପ୍ରଶାସନ ଓ ପରିବହନ ବିଭାଗ । ଗୁରୁବାର ମୋହନା ଥାନା ସମ୍ମୁଖରେ ପରିବହନ ବିଭାହ ପୁଲିସ ପକ୍ଷରୁ ହେଲମେଟ ୨୫ରୁ ଉର୍ଦ୍ଧ ବଣ୍ଟା ଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ରେ ଗଜପତି ଜିଲ୍ଲା ପରିବହନ ବିଭାଗ ଏମଭିଆଇ ଇନ୍ସପେକ୍ଟର ସର୍ବେଶ୍ୱର ଛୋଟରାୟ, ମୋହନା ଥାନା ଅଧିକାରୀ ଓମ ନାରାୟଣ ପାତ୍ର, ସବ ଇନ୍ସପେକ୍ଟର ପଙ୍କଜ ଦାସ ଓ ପୁଲିସ ବାହିନୀ ଉପସ୍ଥିତ ଥିଲେ।



Printed Published and owned By Satya Brata Patra, Published from AT- Jhumpan, PO-Naguan, PS-Korai, Dist- Jajpur, Odisha, pin-755019 , Printed at M/S Janjalidevi Printers & Publishers, 131, Rajarani Nagar, Bhubaneswar, Dist-Khordha, Odisha, Pin-751014, E mail- nirbhaysuchana@gmail.com, advtnirbhaysuchana@gmail.com Mob: 9937403435
ସଂପାଦକ- ସତ୍ୟବ୍ରତ ପାତ୍ର
Editor - SATYA BRATA PATRA